ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON
facebook.com/paryabekhyak
FOLLOW US
ON TWITTER
twitter.com/paryabekhyak

Vol.24 . No.107 Bhubaneswar Tuesnday, June 08, 2021 ୨୪ତମ ବର୍ଷ ସଂଖ୍ୟା-୧୦୭ ଭୁବନେଶ୍ୱର, ମଙ୍ଗଳବାର, ଜୁନ୍ ୦୮, ୨୦୨୧ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS



ନୂଆଦିଲ୍ଲୀରେ ହିମାଚଳ ପ୍ରଦେଶର ମୁଖ୍ୟମନ୍ତ୍ରୀ ଶ୍ରୀ ଜୟରାମ ଠାକୁର କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ରାଜନାଥ ସିଂଙ୍କୁ ଡାକିଛନ୍ତି

## ଗୋଟିଏ ଦିନରେ ୬୧୧୮ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୭।୬(ପି.ଏନ) : ରାଜ୍ୟରେ ଗୋଟିଏ ଦିନରେ ୬୧୧୮ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୮୧୯୨୧୪ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୭୩୯୩୭୬ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୭୬୭୫୦ ରହିଛି । ଆଜି ଚିହ୍ନଟ ହୋଇଥିବା ୬୧୧୮ ଜଣଙ୍କ ମଧ୍ୟରୁ ୩୪୫୩ ଜଣ ସଂଗରୋଧରୁ ହୋଇଥିବା ବେଳେ ୨୬୬୫ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ କଟକ ଜିଲ୍ଲାରେ ସବୁଠାରୁ ଅଧିକ ୬୪୦ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡ଼ିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୪୧୬ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୧୯୫ ଜଣ, ବରଗଡ଼ରୁ ୧୬୪ ଜଣ, ଭଦ୍ରକରୁ ୨୨୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୮୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୧୧୨ , କଟକରୁ ୬୪୦ ଜଣ, ଦେବଗଡ ଜିଲ୍ଲାରୁ ୨୯ ଜଣ, ଢେଙ୍କାନାଳ ଜିଲ୍ଲାରୁ ୧୨୩ ଜଣ, ଗଜପତି ଜିଲ୍ଲାରୁ ୩୦ , ଗଞ୍ଜାମରୁ ୯୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୨୧୮ ଜଣ, ଯାଜପୁରରୁ ୫୬୩ ଜଣ, ଝାରସୁଗୁଡ଼ାରୁ ୮୬ ଜଣ, କଳାହାଣ୍ଡିରୁ ୮୦ ଜଣ, କନ୍ଧମାଳ ଜିଲ୍ଲାରୁ ୧୪୩ ଜଣ. କେନ୍ଦ୍ରାପଡ଼ାରୁ ୨୨୭ ଜଣ, କେନ୍ଦୁଝରରୁ ୧୫୫ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୪୯୫ ଜଣ, କୋରାପୁଟରୁ ୧୮୦ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୧୦୭ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୩୫୨ ଜଣ, ନବରଙ୍ଗପୁରରୁ ୧୬୬ ଜଣ, ନୟାଗଡ଼ରୁ ୧୬୧ ଜଣ, ନୂଆପଡ଼ାରୁ ୩୬ ଜଣ, ପୁରୀରୁ ୩୯୮ ଜଣ, ରାୟଗଡ଼ାରୁ ୧୦୮ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୧୦୩ ଜଣ, ସୋନପୁରରୁ ୫୨ ଜଣ, ସୁନ୍ଦରଗଡ଼ରୁ ୨୭୨ ଜଣ ଓ ଷ୍ଟେଟ୍ ପୁଲରୁ ୧୦୩ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

## ୧୦ ଦିନରେ ଆହୁରି କମିବ ସଂକ୍ରମଣ : ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର, ୭।୬(ପି.ଏନ): ରାଜ୍ୟରେ ମହାମାରୀ କରୋନା ଏବେ ତଳମୁଁହା ହୋଇଛି। ଲକଡାଉନ କଟକଣା ଯୋଗୁଁ ଏହାର ପ୍ରଭାବ ପଡ଼ିଛି। ଗତ କିଛି ଦିନ ରାଜ୍ୟରେ ଦୈନିକ ସଂକ୍ରମଣ ୮ ହଜାର ଓ ୭ ହଜାର ରହିବା ପରେ ଆଜି ଏହା ୬ ହଜାରକୁ ଖସିଛି। ଆଗାମୀ ସପ୍ତାହେ କିମ୍ବା ଦଶ ଦିନ ଭିତରେ ଏହା ଆହୁରି କମିବା ନେଇ ଟ୍ରେଣ୍ଡ ଦର୍ଶାଉଥିବା କହିଛନ୍ତି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର ।ଅନ୍ୟପକ୍ଷରେ ୬୦ ପ୍ରତିଶତ ଲୋକ ଏବେ ମଧ୍ୟ ଗୁରୁତର ହୋଇ ଆଇସିୟୁରେ ଅଛନ୍ତି, ତେଣୁ ମୃତ୍ୟୁ ସଂଖ୍ୟା ମଧ୍ୟ ଅଧିକ ରହୁଛି। ସେ ଆହୁରି କହିଛନ୍ତି, ଏବେ ଟୀକାକରଣର ଦ୍ୱିତୀୟ ଡୋଜକୁ ଗୁରୁତ୍ୱ ଦିଆଯାଉଛି। ୧୮ରୁ ୪୪ ବର୍ଷର ଯେଉଁମାନେ ପ୍ରଥମ ଡୋଜ ନେଇ ଦ୍ୱିତୀୟ ଡୋଜ ଅପେକ୍ଷାରେ ଅଛନ୍ତି ସେମାନଙ୍କୁ ପ୍ରାଧାନ୍ୟ ଦିଆଯାଉଛି। ଜିଲ୍ଲା ମୁଖ୍ୟାଳୟରେ ଟିକା ଦେବା ପାଇଁ ବ୍ୟବସ୍ଥା କରାଯାଇଛି। ଯେଉଁ ଅନୁସାରେ ଟିକା ରାଜ୍ୟକୁ ମିଳୁଛି, ସେହି ଅନୁସାରେ ପ୍ଲାନ କରାଯାଉଛି।

### କରୋନାରେ ଦେଶରେ ଗତ ୨୪ ଘଂଟାରେ ୧,୦୦,୬୩୬ ନୂଆ ମାମଲା

ନୂଆଦିଲ୍ଲୀ, ୭।୬: ଦେଶରେ ଗତ ୨୪ଘଂଟା ମଧ୍ୟରେ ୧,୦୦,୬୩୬ ଟି ନୂଆ କରୋନା ମାମଲା ସାମନାକୁ ଆସିଛି । ଏହି ସମୟ ମଧ୍ୟରେ ମୋଟ ୨୪୨୭ ଜଣ କରୋନା ରୋଗୀ ପ୍ରାଣ ହରାଇଛନ୍ତି। ଏହା ସହିତ ଦେଶରେ କୋରୋନା ଆକ୍ରାନ୍ତଙ୍କ ସଂଖ୍ୟା ୨,୮୮,୦୯,୩୩୯ ପହଂଚିଛି ।

## ରାଜଧାନୀରେ କମୁଛି ସଂକ୍ରମଣ, ୨୪ ଘଂଟାରେ ୪୨୪ ପଜିଟିଭ୍ , ୧୨୯୫ ସୁସ୍ଥ

ଭୁବନେଶ୍ୱର, ୭।୬(ପି.ଏନ): ରାଜଧାନୀରେ କମୁଛି ସଂକ୍ରମଣ। ସଂକ୍ରମିତଙ୍କ ତିନିଗୁଣା ଅଧିକ ସୁସ୍ଥ ହେଉଛନ୍ତି। ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଂଚଳରୁ ସୋମବାର ଆଉ ୪୨୪ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେଥିରୁ ୫୫ ଜଣ କ୍ୱାରେଂଟାଇନ୍ ରୁ ରହିଥିବା ବେଳେ ୩୬୯ ଲୋକାଲ୍ କେସ୍ ରହିଛନ୍ତି। ଅପରପକ୍ଷରେ ୨୪ ଘଂଟାରେ ୧୨୯୫ ଜଣ ଆରୋଗ୍ୟ ହୋଇ ଘରକୁ ଫେରିଛନ୍ତି। ଏନେଇ ବିଏମ୍‌ସି ପକ୍ଷରୁ ଟ୍ୱିଟ୍ କରାଯାଇଛି। ବିଏମସିର ସୂଚନା ଅନୁସାରେ ଲୋକାଲ ଆକ୍ରାନ୍ତଙ୍କ ମଧ୍ୟରୁ ପଟିଆରୁ ସର୍ବାଧିକ ୧୭ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହିପରି ନୟାପଲ୍ଲୀରୁ ୧୪ ଜଣ, ଝାରପଡାରୁ ୧୫ ଜଣ, ନିଳାଦ୍ରୀବିହାର ୧୪ ଜଣ, ଡୁମଡୁମାରୁ ୧୨ ଜଣ , ଓଲ୍ଡ ଟାଉନ୍ ରୁ ୧୨ ଜଣ, ଚନ୍ଦ୍ରଶେଖରପୁର , ୟୁନିଟ୍ ୮ , ଭିଏସ୍ ଏସ୍ ନଗର ଓ ପାତ୍ରପଡାରୁ ୧୦ ଜଣ ଲେଖାଏଁ ଆକ୍ରାନ୍ତ ରହିଛନ୍ତି। ବିଏମସିର ସୂଚନା ଅନୁଯାୟୀ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୮୦୯୦୯ କୁ ବୃଦ୍ଧି ପାଇଛି। ସେହିପରି ସୁସ୍ଥଙ୍କ ସଂଖ୍ୟା ୭୨୬୦୮ କୁ ବୃଦ୍ଧି ପାଇଛି। ଭୁବନେଶ୍ୱରରେ ଏବେ ୭୯୨୨ ଜଣ ସକ୍ରିୟ ଆକ୍ରାନ୍ତଙ୍କର ଚିକିତ୍ସା ଜାରି ଥିବା ବେଳେ ମୃତକଙ୍କ ସଂଖ୍ୟା ୩୫୮ ରହିଛି।

## ଗୁଜୁରାଟ ବିଶୋଧନାଗାରର ସଂପ୍ରସାରଣ ପାଇଁ ୨୪ ହଜାର କୋଟି ପୁଞ୍ଜିନିବେଶ କରିବ ଇଣ୍ଡିଆନ ଅଏଲ :ଧର୍ମେନ୍ଦ୍ର ପ୍ରଧାନ

ଗୁଜୁରାଟ/ଭୁବନେଶ୍ୱର, ୭।୬ (ପି.ଏନ): ଗୁଜୁରାଟ ଠାରେ ସୋମବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଗୁଜୁରାଟର ମୁଖ୍ୟମନ୍ତ୍ରୀ ବିଜୟ ରୂପାନୀଙ୍କ ଉପସ୍ଥିତିରେ ଇଣ୍ଡିଆନ ଅଏଲ ଏବଂ ଗୁଜୁରାଟ ସରକାରଙ୍କ ମଧ୍ୟରେ ଏକ ବୁଝାମଣା ପତ୍ର (ଏମଓୟୁ) ସ୍ୱାକ୍ଷରିତ ହୋଇଯାଇଛି। ଏହି ଏମଓୟୁ ଅଧୀନରେ ଇଣ୍ଡିଆନ ଅଏଲର ଗୁଜୁରାଟ ବିଶୋଧନାଗାର ରାଜ୍ୟରେ ତୈଳ, ଗ୍ୟାସ ଭିତିଭୂମିକୁ ମଜବୁତ୍ କରିବା ସମେତ ଗୁଜୁରାଟର ବିକାଶ ପାଇଁ ୨୪ ହଜାର କୋଟି ଟଙ୍କା ପୁଞ୍ଜିନିବେଶ କରିବ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି। ଏହି ପୁଞ୍ଜିନିବେଶ ହେବା ଦ୍ୱାରା ଗୁଜୁରାଟ ବିଶୋଧନାଗାର ସଂପ୍ରସାରଣ ହେବା ସହ ଗୁରୁତ୍ୱପୂର୍ଣ୍ଣ ପେଟ୍ରୋଲିୟମ ଉତ୍ପାଦର ଉପଲବ୍ଧତା ବଢ଼ିବ। ଗୁଜୁରାଟକୁ ପେଟ୍ରୋଲିୟମ ଏବଂ ଡ଼ାଉନଷ୍ଟ୍ରିମ ଶିଳ୍ପର ପେଣ୍ଠସ୍ଥଳି କରିବା ପାଇଁ ଇଣ୍ଡିଆନ ଅଏଲର କାର୍ଯ୍ୟକୁ ଗତି ପ୍ରଦାନ କରିବ।



ଏମଓୟୁ ଅନୁସାରେ ଇଣ୍ଡିଆନ ଅଏଲ ଦ୍ୱାରା ଗୁଜୁରାଟରେ ଭାରତର ପ୍ରଥମ ହାଇଡ୍ରୋଜେନ୍ ବିତରଣ ଷ୍ଟେସନର ପ୍ରତିଷ୍ଠା ହେବ। ପ୍ରବାସୀ ଶ୍ରମିକଙ୍କ ପାଇଁ ସୁଲଭ ଗୃହ ନିର୍ମାଣ କମ୍ପ୍ଲେକ୍ସ ସହ ଉଦୀୟମାନ ଇନ୍ଧନର ବିକାଶ କରାଯିବ। ଏହି ଏମଓୟୁ ଗୁଜୁରାଟ ପାଇଁ ସମୃଦ୍ଧିର ଏକ ନୂତନ ରୋଡମ୍ୟାପ୍ ପ୍ରସ୍ତୁତ କରିବ। ଇନ୍ଧନର ସ୍ଥାୟୀ ବିକାଶ ଓ ଉର୍ଜା ସୁରକ୍ଷାକୁ ବୃଷ୍ଟ ଦେବା ସହିତ ବୃହତ ଆକାରର ନିଯୁକ୍ତି ସୃଷ୍ଟି କରିବ। ଏହା ଦ୍ୱାରା ପ୍ରଧାନମନ୍ତ୍ରୀ ନରେନ୍ଦ୍ରମୋଦିଙ୍କ ଦୂରଦୃଷ୍ଟିସମ୍ପନ୍ନ ଆତ୍ମନିର୍ଭର ଭାରତ ପଦକ୍ଷେପରେ ଆଗେଇବା ପାଇଁ ଗୁଜୁରାଟକୁ ସହାୟକ ହେବ। ସୂଚନାଯୋଗ୍ୟ, ଭାରତର ଗ୍ୟାସ ରାଜଧାନୀ ଗୁଜୁରାଟ ଠାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଗୁଜୁରାଟ ମୁଖ୍ୟମନ୍ତ୍ରୀ ବିଜୟ ରୂପାଣୀଙ୍କ ସହ ଆଜି ଏକ ବୈଠକ ମଧ୍ୟ ଅନୁଷ୍ଠିତ ହୋଇଥିଲା।

## ୧୭ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି

ଭୁବନେଶ୍ୱର, ୭।୬(ପି.ଏନ): ଉତ୍ତର ବଙ୍ଗୋପସାଗର ଓ ତତ୍ ସଂଲଗ୍ନ ଅଂଚଳରେ ଆସନ୍ତା ୧୧ ସୁଦ୍ଧା ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବର୍ଷା ହୋଇପାରେ ବୋଲି ପୂର୍ବାନୁମାନ କରିଛି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କେନ୍ଦୁଝର, ମୟୂରଭଂଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କଳାହାଣ୍ଡି , କନ୍ଧମାଳ, ଗଂଜାମ, ନୟାଗଡ, ଢେଙ୍କାନାଳ , ଖୋର୍ଦ୍ଧା, କେନ୍ଦ୍ରାପଡା , ଜଗତସିଂହପୁର ଓ କଟକ ଜିଲ୍ଲାରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ସହ ବଜ୍ରପାତ ହେବାର ଆଶଙ୍କା ରହିଛି। ଏଥିପାଇଁ ଏହିସବୁ ଜିଲ୍ଲାଗୁଡ଼ିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

## ଏସସିବିକୁ ଆସିବ ୬ଟି ଇସିଏମଓ ମେସିନ୍

ଭୁବନେଶ୍ୱର, ୭।୬(ପି.ଏନ): ଇସିଏମଓ ମେସିନ୍ ର ବ୍ୟବହାର ଆମ ଦେଶରେ ଏତେ ନଥିଲା। କିନ୍ତୁ ଏବେ କୋଭିଡ ଯୋଗୁଁ ଏହି ମେସିନର ଆବଶ୍ୟକତା ବଢ଼ିଯାଇଛି। ତେଣୁ ଆମେ ମଧ୍ୟ ୬ଟି ୟୁନିଟ ଆଣିବା ପାଇଁ ବ୍ୟବସ୍ଥା କରୁଛୁ, ଯାହା କଟକର ଏସସିବିରେ ରହିବ। ସମଗ୍ର ଦେଶରେ ୨୧ଟି ପଞ୍ଜିକୃତ ଇସିଏମଓ ୟୁନିଟ ଅଛି ବୋଲି କହିଛନ୍ତି ଡିଏମଇଟି ସିବିକେ ମହାନ୍ତି । ସେ କହିଛନ୍ତି ଯେ ଇସିଏମଓ ୟୁନିଟ ଚଳାଇବା ପାଇଁ ମାନବ ସମ୍ବଳର ଅଭାବ ଅଛି। ତେଣୁ ଧୀରେ ଧୀରେ ଆମେ ରାଜ୍ୟର ଅନ୍ୟାନ୍ୟ ଅଂଚଳରେ ମଧ୍ୟ ଏହି ୟୁନିଟ ସ୍ଥାପନ କରିବାକୁ ବ୍ୟବସ୍ଥା କରିବୁ। କରୋନାର ଏପର୍ଯ୍ୟନ୍ତ କୌଣସି ନିର୍ଦ୍ଦିଷ୍ଟ ଔଷଧ ନାହିଁ। ବର୍ତ୍ତମାନ ସୁଦ୍ଧା ପାଖାପାଖି ୯୭ଟି ଔଷଧକୁ ପରୀକ୍ଷାମୂଳକ ଭାବେ ଜରୁରୀକାଳୀନ ବ୍ୟବହାର କରାଯାଇଛି। ଏକ କମିଟି ଏହି ସବୁ ଔଷଧର ବ୍ୟବହାର ଓ ଫଳାଫଳ ଉପରେ ନିରନ୍ତର ତର୍ଜମା କରୁଛନ୍ତି । ତେଣୁ ଏହି ଟାସ୍କଫୋର୍ସ ଯାହା ଅନୁଧ୍ୟାନ କରି ନିଷ୍ପତି ନେବେ ସେହି ଅନୁସାରେ ଆମେ ମଧ୍ୟ ଔଷଧ ବ୍ୟବହାର କରିବୁ ବୋଲି କହିଛନ୍ତି ଡିଏମଇଟି।

## ପୁରୀ ଜିଲ୍ଲାରେ ନୂଆ ୩୯୮ କରୋନା ପଜିଟିଭ୍ ଚିହ୍ନଟ

ପୁରୀ, ୭।୬(ପି.ଏନ): ପୁରୀ ଜିଲ୍ଲାରେ ଗତ ୨୪ ଘଂଟା ମଧ୍ୟରେ ନୂଆ ୩୯୮ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ରିପୋର୍ଟ ପଜିଟିଭ୍ ଆସିବା ପରେ ଆକ୍ରାନ୍ତ ମାନଙ୍କୁ କୋଭିଡ୍ ହସ୍ପିଟାଲ ଓ ହୋମ୍ ଆଇସୋଲେସନ ରଖାଯାଇ ଚିକିତ୍ସା କରାଯାଉଛି ।ନୂଆ ଚିହ୍ନଟ ଏହି ଆକ୍ରାନ୍ତ ମାନଙ୍କ ମଧ୍ୟରେ ଅସ୍ତରଙ୍ଗ ବ୍ଲକରୁ ୪୩ ଜଣ, ବ୍ରହ୍ମଗିରିରୁ ୧୮ ଜଣ, ଡ଼େଲାଙ୍ଗ ବ୍ଲକରୁ ୧୦, ଗୋପ ବ୍ଲକରୁ ୪୩, କାକଟପୁର ବ୍ଲକରୁ ୩୫ ଜଣ ଏବଂ କଣାସ ବ୍ଲକରୁ ୧୬ ଜଣ, କୋଣାର୍କ ବିଜ୍ଞାପିତ ଅଂଚଳରୁ ୨ ଜଣ, ନିମାପଡ଼ା ବିଜ୍ଞାପିତ ଅଂଚଳରୁ ୧୪ ଜଣ, କୃଷ୍ଣପ୍ରସାଦ ବ୍ଲକରୁ ୮ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ସେହିପରି ନିମାପଡ଼ା ବ୍ଲକରୁ ୫୩ ଜଣ, ପିପିଲି ବ୍ଲକରୁ ୩୬ ଜଣ, ପିପିଲି ବିଜ୍ଞାପିତ ଅଂଚଳରୁ ୬ ଜଣ, ପୁରୀ ସଦର ବ୍ଲକରୁ ୩୨ ଜଣ ଏବଂ ପୁରୀ ପୌରାଚଂଳରୁ ସର୍ବାଧିକ ୬୧ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଅନୁରୂପ ଭାବେ ସତ୍ୟବାଦୀ ବ୍ଲକରୁ ୧୯ ଜଣ ଓ ଅନ୍ୟ ଜିଲ୍ଲାରୁ ଆସି ପୁରୀ ଜିଲ୍ଲାରେ ରହିଥିବା ୨ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି ।

## କେନ୍ଦୁଝର କୋଭିଡ ହସପିଟାଲରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ନହେବା ପଛର ରହସ୍ୟକୁ ନେଇ ବଢୁଛି ସସ୍‌ପେନ୍ସ

କେନ୍ଦୁଝର, ୭।୬(ପି.ଏନ): କେନ୍ଦୁଝର ଜିଲ୍ଲା ରାଙ୍କିସ୍ଥିତ କୋଭିଡ ହସପିଟାଲ ସମେତ ରାଜ୍ୟର କେତେକ କୋଭିଡ ହସପିଟାଲରେ ବ୍ୟାପକ ଅବ୍ୟବସ୍ଥାକୁ ନେଇ ଅସନ୍ତୋଷ ଲାଗିରହିଥିବା ବେଳେ ଅନେକ ଗୁରୁତର ଅଭିଯୋଗ ପ୍ରାୟ ପ୍ରତ୍ୟେକଦିନ ଆସିବାରେ ଲାଗିଥିଲା । ଏପରିକି କେନ୍ଦୁଝର ଭଳି କେତେକ କୋଭିଡ ହସପିଟାଲର ଅବ୍ୟବସ୍ଥା ଚରମସୀମାରେ ପହଂଚିଥିବା ବେଳେ ଚିକିତ୍ସାବ୍ୟବସ୍ଥାର ଗୁଣାତ୍ମକମାନ ସହ ରୋଗୀଙ୍କ ମୃତ୍ୟୁକୁ ନେଇ ସନ୍ଦେହ ଓ ଅସନ୍ତୋଷ ବଢୁଥିଲା । ଯାହାକୁନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହେବାରେ ଲାଗିଥିଲା । ଫଳରେ ରାଜ୍ୟର ସମସ୍ତ କୋଭିଡ ହସପିଟାଲ ଓ କୋଭିଡ ସେଟଂରମାନଙ୍କରେ ସ୍ୱଚ୍ଛତା ଆଣିବା ଲାଗି ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଦେଇଥିବାବେଳେ ଏଥିପାଇଁ ଗାଇଡଲାଇନଜାରି କରାଯାଇଛି । ଏବଂ ପାଳନ ନକଲେ ଦୃଢକାର୍ଯ୍ୟାନୁଷ୍ଠାନର ଚେତାବନୀ ଦିଆଯାଇଛି । ଇତିମଧ୍ୟରେ ଅନେକ କୋଭିଡ ହସପିଟାଲ ସହ କେନ୍ଦୁଝର ଜିଲ୍ଲାରେ ଟାଟା ଦ୍ୱାରା ପ୍ରତିଷ୍ଠିତ ଯୋଡାସ୍ଥିତକୋଭିଡ ହସପିଟାଲରେ ମଧ୍ୟ ନିର୍ଦ୍ଦେଶ ପାଳନ ହୋଇସାରିଲାଣି । ଏହି ଗାଇଡଲାଇନନୁଶାରେ ରାଜ୍ୟର ସମସ୍ତ ସରକାରୀ ଓ ବେସରକରୀ କୋଭିଡ ହସପିଟାଲ ଓ କୋଭିଡକେୟାରସେଟଂରରେ ୨୪ଘଟଂିଆ ହେଲ୍ପଡେସ୍କକୁ ବାଧ୍ୟତାମୂଳକ କରାଯିବା ସହ ତହାର ଏକ ଉତ୍ସର୍ଗୀକୃତ ଟୋଲଫ୍ରିନମ୍ବର ସର୍ବସାଧାରଣଙ୍କ ପାଇଁ ଜାରି କରାଯିବ । କୋଭିଡ ହସପିଟାଲ ଓ କେୟାର ସେଟଂର ନିକଟରେ ସି.ସି.ଟି.ଭି.କ୍ୟାମେରା ଏବଂ ଟି.ଭି.ସଂଯୁକ୍ତ କରାଯାଇ ରୋଗୀଙ୍କ ସହ ସଂପର୍କିୟମାନଙ୍କର କଥାବାର୍ତା କରାଯିବାର ସୁବିଧା ପ୍ରଦାନ କରାଯିବ । ଏଥିପାଇଁ ସ୍ୱେଚ୍ଛାସେବୀମାନଙ୍କୁ ନିଯୁକ୍ତି କରାଯିବ । ହ୍ୱାଟସ୍‌ଅପ୍ ମାଧ୍ୟମରେ ସଂପର୍କୀୟଙ୍କୁ ଭଏସ୍ ମେସେଜ, ଏସଏମଏସ ଜରିଆରେ ତଥ୍ୟ ସହ ଫଟୋ ଦିଆଯିବ । ହସପିଟାଲ ବାହାରେ ଏକ ସମ୍ମିଳନୀ କକ୍ଷ ପ୍ରସ୍ତୁତ କରାଯାଇ ସେଠାରେ ଟିଭି ଓ କ୍ୟାମେରା ଆଦିର ବ୍ୟବସ୍ଥା ରହିବ । କିନ୍ତୁ ଏଥିରେ ମୃତ କୋଭିଡରୋଗୀଙ୍କୁ ଦାହ କରାଯାଉଥିବା ଶ୍ମଶାନରେ ସିସିଟିଭିରି ବ୍ୟବସ୍ଥା ନଥିବାରୁ ତାହା କରାଯିବାକୁ ଦାବୀ ହୋଇଛି । ଯଦ୍ୱାରା କୋଭିଡରେ ମୃତବରଣ କରୁଥିବା ରୋଗୀଙ୍କ ତଥ୍ୟ ଲୁଚିପାରିବ ନାହିଁ। ବିନାହେଲମେଟ ଚାଳକଙ୍କ ଠାରୁ ଫାଇନ ଆଦାୟ କରି ସଚେତନ କରିବାକୁ ଜିଲ୍ଲାପ୍ରଶାସନ ସହରତମାମ ଯେଭଳି ସିସିଟିଭି କ୍ୟାମେରା ଛାଇ ଦେଇଛନ୍ତି ସେଭଳି ଶ୍ମଶାନରେ ମଧ୍ୟ ସିସିଟିଭର ବ୍ୟବସ୍ଥା କରିବାକୁ ମତ ପ୍ରକାଶପାଇଛି। ଗତ ୪ତାରିଖରେ ରାଙ୍କିସ୍ଥିତ କୋଭିଡ ହସପିଟାଲରେ ମୃତବରଣ କରିଥିବା ପୁରୁଣାବଡାରର ଜଣାଶୁଣା ଯୁବଫଟୋଗ୍ରାଫର ମଂଟୁ ମହାରଣାଙ୍କର ଭଳି ଅନେକରୋଗୀଙ୍କ ତଥ୍ୟ ସରକାରୀ ରିପୋର୍ଟରେ ଏଯାଏ ସ୍ଥାନପାଉନାହିଁ । ଅବଶ୍ୟ କୋଭିଡ ହସପିଟାଲର ସନ୍ନିକଟ ଏକ ଛାମୁଣ୍ଡିଆରେ ସଂପର୍କିୟମାନଙ୍କୁ ମାତ୍ର ମୁଣ୍ଡ ଗେଞ୍ଜିନାକୁ ଦିଆଯାଇଛି ।କେନ୍ଦୁଝର କୋଭିଡ ହସ୍ପିଟାଲ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ପାଣ୍ଠିରେ ପ୍ରତିଷ୍ଠିତ ହୋଇଥିବା ବେଳେ ଏହାର ପରିଚାଳନା ଦାୟିତ୍ୱ ଭୁବନେଶ୍ୱରସ୍ଥିତ ଉତ୍କଳ ହେଲଥ୍ କେୟାର ପାଇଭେଟ ଲିମିଟେଡ ହାତରେ ରହିଛି । କିନ୍ତୁ ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ଇତିମଧ୍ୟରେ ୨୦ଦିନ ବିତି ଯାଇଥିଲେ ମଧ୍ୟ କୌଣସି ଲୁକାୟତ କାରଣରୁ କେନ୍ଦୁଝର କୋଭିଡ ହସପିଟାଲ , ନିର୍ଦ୍ଦେଶ ପାଳନ କରିବା ଦିଗରେ ଆଗ୍ରହ ପ୍ରକାଶ କରୁନାହିଁ । ଏଦିଗରେ ଜିଲ୍ଲାପ୍ରଶାସନ ମଧ୍ୟ ନୀରବ । କେନ୍ଦୁଝର କୋଭିଡ ହସପିଟାଲରେ ଉପଯୁକ୍ତ ଚିକିତ୍ସାର ଅଭାବସହ ପୂର୍ବରୁ ଅକ୍ସିଜେନର ଅଭାବ ଏବଂ ଏବେ ଆବଶ୍ୟକ ପରିମାଣର ଭେଟିଂଲେଟର ଆଦିର ଅଭାବ କାରଣରୁ ବଢୁଥିବା ରୋଗୀ ମୃତ୍ୟୁକୁ ନେଇ ଅସନ୍ତୋଷ ଲାଗିରହିଛି । ଏପରିକି ରୋଗୀଙ୍କ ସ୍ୱାସ୍ଥବସ୍ଥାର ସଠିକ ତଥ୍ୟ ସଂପର୍କୀୟଙ୍କୁ ଦିଆଯାଉନଥିବାର ଅଭିଯୋଗ ଆଜିବି ଆସୁଥିବା ବେଳେ ହସପିଟାଲଟି ଲୁଟର କେନ୍ଦ୍ର ପାଲଟିଛି । ମୃତକଙ୍କ ଜିନିଷ ଫେରିପାଇବାକୁ ସଂପର୍କୀୟଙ୍କୁ ଥାନାରଦ୍ୱାରସ୍ଥ ହେବାକୁ ପଡୁଛି । ବିଗତଦିନରେ ଜିଲ୍ଲା ପ୍ରଶାସନ ପାଖକୁ ଏସଂପର୍କୀୟ ଆସିଥିବା ଅଭିଯୋଗସବୁ ତଦନ୍ତରେ ସୀମିତ ରହିଯାଇଛି । ଜିଲ୍ଲାବାସୀଙ୍କ ସମୁହ ସ୍ୱାର୍ଥ ଦଷ୍ଟିରୁ ଏଭଳି ସମ୍ବେଦନଶୀଳ ଘଟଣାକୁ ଜିଲ୍ଲାପ୍ରଶାସନ ଅଧିକ ଗୁରୁତ୍ୱ ଦେଇ ହସପିଟାଲ ପରିଚାଳକଙ୍କୁ , ରୋଗୀଙ୍କର ଜୀବନ ସହ ନଖେଳି ସମସ୍ତ ପ୍ରାବଧାନ ସହ ଦକ୍ଷ ଚିକିତ୍ସକଙ୍କ ଦ୍ୱାରା ଉନ୍ନତ ଚିକିତ୍ସା ଯୋଗାଇଦେଇ ଅଧିକରୁ ଅଧିକ ରୋଗୀଙ୍କ ଜୀବନରକ୍ଷାକୁ ପ୍ରାଧାନ୍ୟ ଦେବାକୁ କଡା ନିର୍ଦ୍ଦେଶ ଦେବା ପରିବର୍ତେ , କୋଭିଡ ଗାଇଡଲାଇନ ଅନୁପାଳନ ପୂର୍ବକ ଶ୍ମଶାନରଜୁଇରେ ପ୍ରାୟ ପତ୍ୟେକ ଦିନ ଜଳୁଥିବା ସେହି ମୃତରୋଗୀମାନଙ୍କ ଅସହାୟ ଦୁଃଖୀ ପରିଜନମାନଙ୍କୁ ଭୁଲିଯାଇ , ଜଣେ/ ଦୁଇଜଣ ପ୍ରଭାବଶାଳୀ ବ୍ୟକ୍ତିଙ୍କ ମୁହଁରେ ହସପିଟାଲର ଯଶଗାନ କରାଇବା ଦ୍ୱାରା ସତ୍ୟ କଣ ଲୁଚିଯିବ ନାଁ ନିସହାୟ ସେହି ଦୁଃଖୀ ପରିବାର ମୁହଁରେ ହସଫୁଟିଉଠିବ ନାଁ ସ୍ୱାମୀକୁ ହରାଇଥିବା ବିଧବା ପତ୍ନୀ ତାର ପତିକୁ ଅଥବା ଅବୋଧ ବାଳକ ତା ପିତାକୁ କଣ ଫେରିପାଇବ ? ତାହାକୁ ନେଇ ଅନେକ ଉଠାଇଛନ୍ତି ପ୍ରଶ୍ନ । ଏହି କୋଭିଡ ହସପିଟାଲର ବାସ୍ତବ ଚିତ୍ରର ତଥ୍ୟ ଭିତିକ ପ୍ରମାଣ ତଥା ଅଭିଯୋଗ ଯେତେବେଳେ ଲୋକଲୋଚନକୁ ଆସୁଛି , ସେସବୁକୁ ସୁଧାରି , ସ୍ୱଚ୍ଛତା ଆଣିବା ଦିଗରେ ପ୍ରୟାସ କରାଯିବା ପରିବର୍ତେ ପୋଲିସ ଲଗାଇ ସେହି କେନ୍ଦୁଝରପ୍ରେମୀ ସୋସିଆଲ ଆକ୍ଟିଭଷ୍ଟଙ୍କୁ ସାଧାରଣରେ ନିନ୍ଦିତ କରାଯିବା ସହ ଭୟଭୀତର ଅପଚେଷ୍ଟା କରାଯାଉଛି। ଏବଂ ଏହା ମାଧ୍ୟମରେ ସମଭାବାପନ୍ନ ଅନ୍ୟମାନଙ୍କୁ ଯେଭଳି ଏକପ୍ରକାର ଚେତାବନୀ ଦିଆଯାଉଛି।




2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservation as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada








## ଟି ଟାଇମ୍

## ବର ମାରେ ୩ଥର ଶର



ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ଜାତିର ଲୋକ ବାସ କରନ୍ତି । ଏଥିପାଇଁ ସମସ୍ତଙ୍କର ରୀତିନୀତି ମଧ୍ୟ ଭିନ୍ନ ଭିନ୍ନ । ବିବାହ ସମୟରେ ପାଳନ କରାଯାଉଥିବା ପରମ୍ପରା ମଧ୍ୟ ଅନେକ ପ୍ରକାର ରହିଥାଏ । ବିବାହକୁ ନେଇ ଚୀନ୍‌ରେ ଏକ ଭିନ୍ନ ପରମ୍ପରା ରହିଛି । ଚୀନ୍‌ର ୟୁଗୁର ସମ୍ପ୍ରଦାୟରେ ଦୁଇ ଦିନ ପର୍ଯ୍ୟନ୍ତ ଚାଲିଥିବା ଏହି ବିବାହ ମହୋତ୍ସବରେ ପ୍ରଥମେ ପ୍ରଥମେ ବଡ଼ ଧୁମ୍‌ଧାମ୍‌ରେ ବର ବଧୂଙ୍କର ବିବାହ କରାଯାଇଥାଏ । ପରେ ଏଠାରେ ରୀତିନୀତି ଅନୁସାରେ ବରକୁ ତିନିଥର ନିଜ ବଧୂକୁ ଧନୁଶରରେ ମାରିବାକୁ ପଡିଥାଏ । ଭଲକଥା ଏହା ହେଉଛି କି ତୀରର ଅଗ୍ରଭାଗରେ ଲାଗିଥିବା ଲୁହାକୁ କଢାଯାଇଥାଏ । କାରଣ ଏହାଫଳରେ ବଧୂ କିମ୍ବା ଅନ୍ୟ କାହାରିକୁ ଆଘାତ ନଲାଗେ । ଏହାପରେ ବର ଏହି ତୀର ଏବଂ ଧନୁକୁ ଭାଙ୍ଗି ଦେଇଥାଏ । ଏସବୁ ଏଥିପାଇଁ କରାଯାଇଥାଏ କାରଣ ବର ଏବଂ ବଧୂ ବୈବାହିକ ଜୀବନ ସୁଖମୟ ହେବା ସହିତ ସମ୍ପର୍କ ମଜଭୁତ ହୋଇଥାଏ ।

## ମଧୁମେହଜନିତ ଦୃଷ୍ଟିହୀନ ଚିକିତ୍ସାର ନୂଆ ଦିଗ

ମଧୁମେହ ଯୋଗୁଁ ଦୃଷ୍ଟିହୀନତାର ଶିକାର ହେଇଥିବା ରୋଗୀଙ୍କ ଦୃଷ୍ଟିଶକ୍ତି ଫେରାଇ ଆଣିବା ଦିଗରେ ଆମେରିକାର ଗବେଷକମାନେ ନୂଆ ଉପାୟ ବାହାର କରିଛନ୍ତି। ମଧୁମେହ ଯୋଗୁଁ ଚକ୍ଷୁର ଦୃଶ୍ୟପଟଳ (ରେଟିନା) ପ୍ରଭାବିତ ହୋଇ ରୋଗୀ ଦୃଷ୍ଟିଶକ୍ତି ହରାଇଥାଏ। ଦୁର୍ବଳ ରକ୍ତ ଧମନୀରୁ



ରକ୍ତ କିମ୍ବା ଫ୍ଲୁଇଡ ନିର୍ଗତ ହୋଇ ରେଟିନାକୁ କ୍ଷତି ପହଞ୍ଚାଇଥାଏ। ଚକ୍ଷୁର ରକ୍ତ ଧମନୀକୁ (ଲେଜର ସିଲିଂ) ପ୍ରୋଟିନ ଚର୍ବିର ଆବରଣ ଦ୍ୱାରା ସୁରକ୍ଷିତ ରଖିବା ସହିତ ଏହାକୁ ପରିବର୍ତ୍ତନ କରାଗଲେ ଦୃଷ୍ଟିଶକ୍ତି ଫେରିପାରିବ। ଆମେରିକାର ଏକ ଜର୍ଣ୍ଣାଲରେ ପ୍ରକାଶ ପାଇଥିବା ତଥ୍ୟ ଅନୁଯାୟୀ ଜନ ହପକିନ୍ସ ବିଶ୍ୱବିଦ୍ୟାଳୟ ଓ ୟୁନିଭରସିଟି ଅଫ ମେରିଲାଣ୍ଡର ଗବେଷକମାନେ ଏହି ସଫଳତା ପାଇଛନ୍ତି। ଆମେରିକାର ୪୫% ମଧୁମେହ ରୋଗୀ ଦୃଷ୍ଟିହୀନତାର ଶିକାର ହୋଇଥାନ୍ତି। ଲେଜର ସିଲିଂ ଦ୍ୱାରା ଏହାର ଚିକିତ୍ସା କରାଯିବା ସମ୍ଭବ। ନିକଟରେ ବାହାର କରାଯାଇଥିବା କେତେକ ଔଷଧ ଯଥା ବେଭାସିଜୁମାବ, ରାନିବିଜୁମାବ ଓ ଆଫଲିବେରସେପ୍ଟ ଏହି ଚିକିତ୍ସା ପାଇଁ କିଛିଟା ସହାୟକ ହୋଇପାରିଛି।

## ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା



ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ବର୍ଷୀୟ ରୋବର୍ଟ ଟାଡ଼ ଓ ୪୩ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍‌ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି ।

## ପୁରାଣ କାହାଣୀ

# ମା'କାଳୀ ଓ ରାମକୃଷ୍ଣ ପରମହଂସ

ହିନ୍ଦୁ ଧର୍ମରେ କାର୍ତ୍ତିକ ମାସକୁ ଧର୍ମର ମାସ ବୋଲି କୁହାଯାଏ । କାହିଁକିନା ଏହି ମାସରେ ନାନା ପର୍ବପର୍ବାଣି ପଡ଼ିଥାଏ ଓ ସମସ୍ତେ ଓଷା ବ୍ରତ କରି ପୁଣ୍ୟ ଅର୍ଜନ କରିବାକୁ ରହିଁଥାନ୍ତି । ଇତିମଧ୍ୟରୁ କାର୍ତ୍ତିକ ଅମାବାସ୍ୟା ଅନ୍ୟତମ । କାର୍ତ୍ତିକ ଅମାବାସ୍ୟାକୁ ବଡ଼ ଦୀପାବଳି ବୋଲି କୁହାଯାଏ । କାରଣ ଏହି ଦିନ ଲକ୍ଷ୍ମୀ ଓ ଗଣେଷଙ୍କୁ ପୂଜା କରାଯାଏ । ଏହି ଦିନ ମା'ଦୁର୍ଗାଙ୍କ ଚାମୁଣ୍ଡା ବା ଚଣ୍ଡି ରୂପ ଧାରଣ କରି ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦିଙ୍କୁ ବିନାଶ କରି ଦେବଗଣଙ୍କୁ ମୁକ୍ତ କରିଥିଲେ ଓ ଶାନ୍ତି ଫେରାଇ ଆଣିଥିଲେ । ଏଥିପାଇଁ ବାଣ, ରୋଷଣି ଓ ଦୀପାବଳିର ଉତ୍ସବ ମାଧ୍ୟମରେ ଏହି ପର୍ବ ପାଳନ କରାଯାଏ ।



ଚଣ୍ଡିପୁରାଣ ଓ ମାର୍କଣ୍ଡେୟ ପୁରାଣ ଅନୁଯାୟୀ ଶୁମ୍ଭ, ନିଶୁମ୍ଭ, ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦି ଅସୁରମାନେ ଦେବୀ ଦୁର୍ଗାଙ୍କୁ ଧରିବା ପାଇଁ ସୈନ୍ୟ ସାମନ୍ତ ଧରି ଆସିଥିଲେ । ସେମାନଙ୍କର ଦେବୀ ଦୁର୍ଗାଙ୍କ ସହ ଯୁଦ୍ଧ ମଧ୍ୟ ହେଲା । ସବୁ ରାକ୍ଷସ ମଧ୍ୟରେ ଥିବା ରକ୍ତବୀର୍ଯ୍ୟ ରାକ୍ଷସ ବ୍ରହ୍ମାଙ୍କଠାରୁ ବରଦାନ ପ୍ରାପ୍ତ କରିଥିଲା । ତା'ଶରୀରର ଗୋଟିଏ ରକ୍ତବିନ୍ଦୁ ଭୂମିଷ୍ଠ ହେଲେ ସେଥିରୁ ତା' ଭଳି ଅନେକ ରାକ୍ଷସ ଜନ୍ମନେବେ । ଏପରି ସ୍ଥଳରେ ରକ୍ତବୀର୍ଯ୍ୟର ଉତ୍ପାତକୁ ବିନାଶ କରିବା ପାଇଁ ମା'ଦୁର୍ଗା କାଳୀ ରୂପ ଧାରଣ କରିଥିଲେ ଓ ରକ୍ତବୀର୍ଯ୍ୟର ଗୋଟିଏ ବି ରକ୍ତ ବିନ୍ଦୁ ଭୂମିଷ୍ଠ ହେବାକୁ ଦେଇନଥିଲେ । ସେତେବେଳେ ସେ ଏତେ କ୍ଷୁବ୍ଧ ଥିଲେ ଯେ, ଯେପରି ସବୁ ସୃଷ୍ଟି ଧ୍ୱଂସ ପାଇଯିବ । ଏ ବିଷୟ ମହାଦେବ ଜାଣିପାରି ତାଙ୍କୁ ଅଟକାଇବା ପାଇଁ ତାଙ୍କ ସମ୍ମୁଖରେ ପଡ଼ିଗଲେ । ତଥାପି ସେ ରାଗରେ ଥିବାରୁ ମହାଦେବଙ୍କ ଉପରେ ପାଦ ରଖିଦେଇଥିଲେ । ଯେତେବେଳେ ସେ ଶିବଙ୍କୁତାଙ୍କ ପାଦ ତଳେ ଦେଖିବାକୁ ପାଇଲେ ସେତେବେଳେ ହଠାତ ଜିଭ କାମୁଡ଼ି ଦେଇଥିଲେ । ପରେ ସେ ପ୍ରକୃତିସ୍ଥ ଏବଂ ସ୍ଥିତପ୍ରଜ୍ଞ ହୋଇଗଲେ । ମା'ଙ୍କର ସେହି ମହାକାଳୀ ରୂପକୁ ଆଜିର ଦିନରେ ପୂଜା କରାଯାଏ । ସେହି ମା' ହିଁ ଆଦ୍ୟାଶକ୍ତି, ସେ ହିଁ ସୃଷ୍ଟି ଓ ପ୍ରଳୟ । ଯୁଗେ ଯୁଗେ ଦୁଷ୍ଟ ଶକ୍ତିକୁ ସଂହାର କରିବା ପାଇଁ ମା'କାଳୀ ରୂପ ଧାରଣ କରି ଧରା ପୃଷ୍ଠରେ ଅବତରଣ କରନ୍ତି ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ସ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।



## ସବୁଠାରୁ ଛୋଟିଆ ଗାଁ

ଦୁଇ ତିନି ଜଣ ଲୋକଙ୍କୁ ନେଇ ଗ୍ରାମ ଗଠିତ ହେବା କେବେ ଜାଣିଛନ୍ତି । ସେଭଳି ଏକ ଗ୍ରାମ ଦେଖିବାକୁ ମିଳିଛି ସ୍ପେନ୍‌ରେ । ବିଗତ ୪୫ବର୍ଷ ହେବ ସ୍ୱାମୀ-ସ୍ତ୍ରୀ ହିଁ ରହିଆସୁଛନ୍ତି ସେ ଗ୍ରାମରେ । ସ୍ପେନ୍‌ରେ ୧୯୩୬ ମସିହାରେ ଏକ ଗୃହଯୁଦ୍ଧ ଦ୍ୱାରା ହଜାର ହଜାର ସଂଖ୍ୟାର ଲୋକ ସହରକୁ ପଳାଇଥିଲେ । ସେତେବେଳେ ଏହି ଛୋଟ ଗ୍ରାମରେ କେବଳ ଏହି ଦମ୍ପତି ହିଁ ଏକଲା ରହିଯାଇଥିଲେ । ଏହି ଗ୍ରାମରେ ପୂର୍ବରୁ ପାଖାପାଖି ୨୦୦ଲୋକ ରହୁଥିଲେ । କିନ୍ତୁ ଏବେ ପୂରା ଗ୍ରାମରେ କେବଳ ଦୁଇ ଲୋକ ରହୁଛନ୍ତି । ଏହି ଦମ୍ପତି ହେଉଛନ୍ତି ୮୨ବର୍ଷୀୟ ସ୍ପେନିଆଡ୍ରସ ଜୁଆନ ମାର୍ଟିନ୍ ଏବଂ ୭୯ବର୍ଷୀୟା ସିନ୍‌ଫେରେସା କୋଲୋମର । ଏମାନଙ୍କ ପାଖରେ କିଛି ଡଜନ କୁକୁର ଏବଂ ବିଲେଇ ମଧ୍ୟ ରହିଛନ୍ତି । ଏହି ଦୁଇଜଣ ଚାଷ କରି ନିଜର ଗୁଜୁରାଣ ମେଣ୍ଟାନ୍ତି । ଏହି ଦମ୍ପତିଙ୍କ କାହାଣୀକୁ ନେଇ 'ଜଙ୍ଗଲ୍ସ ଇନ୍ ପ୍ୟାରିସ'୍ ନାମକ ଏକ ଲଘୁ ଫିଲ୍ମ ମଧ୍ୟ ପ୍ରସ୍ତୁତ ହୋଇଗଲାଣି । ଦମ୍ପତିଙ୍କର ଗ୍ରାମ ସହିତ ଭାବନାତ୍ମକ ସମ୍ପର୍କ ଯୋଡ଼ି ହୋଇଯାଇଛି । ଯେଉଁ କାରଣରୁ ସେମାନେ ଗାଁ ଛାଡ଼ି କୁଆଡ଼େ ଯାଉନାହାନ୍ତି । ପୂର୍ବେ ଏ ଗ୍ରାମରେ ଜଣେ ମେୟର, ପୂଜାରୀ ଏବଂ ଶିକ୍ଷକ ସମସ୍ତେ ଥିଲେ । ଏକ ପ୍ରାକୃତିକ ଦୁର୍ବିପାକ ଘଟିବାରୁ ଅନେକ ମରିଗଲେ ଏବଂ ଅନେକ ସହରକୁ ଚାଲିଗଲେ, ସେବେଠାରୁ ସେ ଗାଁର ପୂର୍ବ ପରିସ୍ଥିତି ଫେରିନାହିଁ ।



## ଆସିୟୁରେ ହେଲା ବିବାହ

ପୁଣେ ସହରର ଏକ ଡାକ୍ତରଖାନା ଆସିୟୁରେ ବାହାଘର ସମ୍ପନ୍ନ ହେବା ସହରରେ ବଡ଼ ଚର୍ଚ୍ଚାର ବିଷୟ ପାଲଟିଛି। ଭେଣ୍ଟିଲେଟରରେ ମୃତ୍ୟୁ ସହ ସଂଗ୍ରାମ କରୁଥିବା ବାପାଙ୍କ ଶେଷ ଇଚ୍ଛା ପୂରଣ ପାଇଁ ପୁଅ ଏହି ପଦକ୍ଷେପ ନେଇଥିଲେ। ୩୪ବର୍ଷିୟ ଧାନେସ ଏନ୍.ଦେବ ପେଶାରେ ଜଣେ ବ୍ୟବସାୟୀ ହୋଇଥିଲା ବେଳେ ତାଙ୍କ ବାପାଙ୍କର ଇଚ୍ଛା ଥିଲା ଧାନେସ ଏବଂ ସୁବର୍ଣ୍ଣାଙ୍କ ବିବାହ ଦେଖିବେ। ବାହାଘର ପାଇଁ ସମସ୍ତ ପ୍ରସ୍ତୁତି ଚାଲିଥିଲା ବେଳେ ହଠାତ୍ ଅସୁସ୍ଥ ହୋଇପଡିଥିଲେ ଧାନେସଙ୍କ ବାପା ନନ୍ଦ କୁମାର ଦେବ। ତୁରନ୍ତ ନନ୍ଦ କୁମାରଙ୍କୁ ଦିନାନାଥ ମଙ୍ଗେସକର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିଲା। ବାପାଙ୍କ ସ୍ୱାସ୍ଥ୍ୟବସ୍ଥାକୁ ଦୃଷ୍ଟିରେ ରଖି ଧାନେସ ସୁବର୍ଣ୍ଣାଙ୍କ ପରିବାର ସହ ଡାକ୍ତରଖାନାରେ ବିବାହ କରିବା ସମ୍ପର୍କରେ ଆଲୋଚନା କରିଥିଲେ। ଦୁଇ ପରିବାରର ସହମତି ପରେ ଏହି ଇଚ୍ଛାକୁ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲା। ଆଉ ଏଥିରେ କର୍ତ୍ତୃପକ୍ଷ ମଧ୍ୟ ସହମତି ଦେଇଥିଲେ। ଦୁଇ ପରିବାରର କିଛି ସଦସ୍ୟଙ୍କ ଉପସ୍ଥିତିରେ ଆଇସିୟୁ ଭିତରେ ନନ୍ଦ କୁମାରଙ୍କ ଆଗରେ ଧାନେସ୍ ବରଣମାଳା ପିନ୍ଧାଇଥିଲେ ସୁବର୍ଣ୍ଣାଙ୍କୁ। ବିବାହର ୧୨ଘଣ୍ଟା ପରେ ଆଖି ବୁଜିଥିଲେ ନନ୍ଦ କୁମାର।



## ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।




# କରୋନାର କରୁଣ ଚିତ୍ର...



ସାରା ବିଶ୍ୱରେ ଏବେ ଦେଖାଦେଇଛି ମହାମାରୀ କରୋନାର ଦ୍ୱିତୀୟ ଲହର। କରୋନାର ପ୍ରଥମ ଲହରଠାରୁ ଏହା ବେଶୀ ଭୟଙ୍କର। ୨୦୨୦ ମସିହା ଫେବୃୟାରୀରୁ ଦେଖାଦେଇଥିବା ମହାମାରୀ କରୋନା କ୍ରମାଗତ ଭାବେ ଗୋଟିଏ ବର୍ଷ ଭୟର ବାତାବରଣ ସୃଷ୍ଟି କରିଚାଲିଥିଲା। ବହୁ ଲୋକଙ୍କ ଜୀବନ ହାନୀ ଘଟିବା ସହ ଲୋକମାନଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗି ପଡ଼ିଥିଲା। ଭାଙ୍ଗି ପଡ଼ିଥିବା ଆର୍ଥିକ ମେରୁଦଣ୍ଡକୁ ସଜାଡ଼ିବାକୁ ପ୍ରସ୍ତୁତ ହେଉଥିବା ବେଳେ କରୋନାର ଦ୍ୱିତୀୟ ଲହର ପ୍ରବେଶ କରିବା ଯୋଗୁଁ ସାରା ବିଶ୍ୱ ପାଇଁ ଘାତକ ସାଜିଛି। ସଂକ୍ରମିତଙ୍କ ସଂଖ୍ୟା ଭୟଙ୍କର ଭାବରେ ବୃଦ୍ଧି ପାଉଛି। କେବଳ ସଂକ୍ରମିତ ବଢୁନି, ଜୀବନ ମଧ୍ୟ ନେଉଛି ଯାହା ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ ପାଇଁ ଏକ ଚ୍ୟାଲେଞ୍ଜ ସୃଷ୍ଟି କରିଛି। କରୋନାର କରୁଣ ଚିତ୍ରକୁ ଅନୁଧ୍ୟାନ କଲେ ମହାରାଷ୍ଟ୍ର, ଗୁଜୁରାଟ, ପଞ୍ଜାବ, କର୍ଣ୍ଣାଟକ, ତାମିଲନାଡୁ ଓ କେରଳରେ ସଂକ୍ରମଣ ସ୍ଥିତି ଜଟିଳ ହେବାରେ ଲାଗିଛି। କାରଣ କରୋନାର ପ୍ରଥମ ଲହରରେ ରେକର୍ଡ ସଂଖ୍ୟକ ସଂକ୍ରମିତ ସଂଖ୍ୟା ଛୁଇଁବକୁ ଦୀର୍ଘ ୮ ମାସ ଲାଗିଥିବା ବେଳେ ଦ୍ୱିତୀୟ ଲହରରେ ଏହି ସଂଖ୍ୟା ଅତିକ୍ରମ କରିବାକୁ ମାତ୍ର ୩ ମାସ ଲାଗିଥିଲା। ୨୦୨୦ ଫେବୃୟାରୀରୁ ଦେଖା ଦେଇଥିବା କରୋନାର ରେକର୍ଡ଼ ସଂଖ୍ୟକ ସଂଖ୍ୟା ସେପ୍ଟେମ୍ବର ୧୫ ତାରିଖ ଦିନ ସର୍ବାଧିକ ୯୭ ହଜାର ୫୭୦ ଜଣ ସଂକ୍ରମିତ ଚିହ୍ନଟ ହେବା ରାଜଧାନୀବାସୀଙ୍କ ପାଇଁ ଚିନ୍ତାର କାରଣ ସାଜିଛି। ଏହାରି ମଧ୍ୟରେ ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୪ ଲକ୍ଷ ୭ ହଜାର ୪୫୭କୁ ବୃଦ୍ଧି ପାଇଥିବା ବେଳେ ମୃତ୍ୟୁ ସଂଖ୍ୟା୧୯୮୮କୁ ବୃଦ୍ଧି ପାଇଛି। ୩ ଲକ୍ଷ ୫୯ ହଜାର ୪୬୭ ଜଣ ସୁସ୍ଥ ହୋଇଛନ୍ତି ଏବଂ ୪୫ ହଜାର ୯୪୯ ଜଣ ଚିକିତ୍ସିତ ହେଉଛନ୍ତି।

ରାଜ୍ୟରେ ଦୈନିକ ସଂକ୍ରମଣ ସହିତ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଉଥିବାରୁ ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର କଟକଣାକୁ ଆହୁରି କଡ଼ାକଡ଼ି କରିଛନ୍ତି। ବିଶେଷକରି ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗୀର, କୋରାପୁଟ, ମାଲକାନଗରି ଓ ନବରଙ୍ଗପୁର ଆଦି ଜିଲ୍ଲାରେ ପୂର୍ବରୁ ସାନ୍ଧ୍ୟ ଆଇନ ରାତି ୧୦ଟାରୁ ସକାଳ ୬ଟା ପର୍ଯ୍ୟନ୍ତ ଲାଗୁ ହୋଇଥିଲା ବେଳେ ଏହାକୁ ପରିବର୍ତ୍ତନ କରି ସନ୍ଧ୍ୟା ୬ଟାରୁ ସକାଳ ୫ଟା ପର୍ଯ୍ୟନ୍ତ ବଳବତ୍ତର ରଖାଯାଇଛି। କଟକ ଭୁବନେଶ୍ୱରରେ ରାତି ୯ଟାରୁ ସକାଳ ୫ଟା ଯାଏ କର୍ଫ୍ୟୁ ଜାରି ହୋଇଛି। ଏହି ସମୟ ମଧ୍ୟରେ କେବଳ ଅତି ଜରୁରୀ ଆବଶ୍ୟକ ସାମଗ୍ରୀ ଏବଂ ଯୋଗାଣକାରୀଙ୍କ ବ୍ୟତୀତ ମିଡ଼ିଆ, ପେଟ୍ରୋଲ ଏବଂ ମେଡ଼ିକାଲ କର୍ମଚାରୀଙ୍କୁ ଯିବା ଆସିବା ପାଇଁ ଅନୁମତି ଦିଆଯାଇଛି। ଏଥିସହିତ ହୋମ ଡ଼େଲିଭରୀ ଯୋଗାଉଥିବା ସଂସ୍ଥାକୁ ଅନୁମତି ମଧ୍ୟ ମିଳିଛି। ଛାତ୍ର ଛାତ୍ରୀଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷାକୁ ଦୃଷ୍ଟିରେ ରଖି ମାଟ୍ରିକ ପରୀକ୍ଷାକୁ ବାତିଲ କରିଦିଆଯାଇଥିବା ବେଳେ +୨ ପରୀକ୍ଷାକୁ ସ୍ଥଗିତ ରଖାଯାଇଛି। ଏଥିସହିତ ଏପ୍ରିଲ ୧୯ ତାରିଖରୁ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରଖିବାକୁ ରାଜ୍ୟ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି। ୫୦ ପ୍ରତିଶତ କର୍ମଚାରୀରେ ସରକାରୀ କାର୍ଯ୍ୟାଳୟ ଚାଲିବା ପାଇଁ ଘୋଷଣା କରିବା ସହିତ ଅନ୍ୟ ରାଜ୍ୟକୁ ବସ୍ ଚଳାଚଳ ବନ୍ଦ କରିଦିଆଯାଇଛି। କରୋନାକୁ ପ୍ରତିହତ କରିବା ପାଇଁ ୨୧ ଜଣ ଆଇଏଏସ୍ ଅଫିସରଙ୍କୁ ଦାୟିତ୍ୱ ଦିଆଯାଇଛି।



ହୋଇଥିଲେ। ମାତ୍ର ବାୟୁରୁ ବ୍ୟାପୁଥିବା କରୋନାର ଦିଦ୍ୱୀୟ ଲହରରେ ମାତ୍ର ୩ ମାସ ମଧ୍ୟରେ ୨୦୨୧ ଏପ୍ରିଲ ୨୪ ତାରିଖ ଦିନ ସର୍ବାଧିକ ୩ ଲକ୍ଷ ୪୯ ହଜାର ୬୯୧ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ୨୭୬୭ ଜଣଙ୍କ ମୃତ୍ୟୁ ଘଟିବା ଦେଶ ପାଇଁ ଏକ ଆହ୍ୱାନ ସୃଷ୍ଟି କରିଛି। ଦୈନିକ କରୋନା ସଂକ୍ରମଣରେ ଭାରତର ଏହା ଏକ ଅଲୋଡ଼ା କୀର୍ତ୍ତି। ନୂଆ ସଂକ୍ରମଣ ସହିତ ସାରା ବିଶ୍ୱରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୪ କୋଟି ୭୦ ଲକ୍ଷ ୪୧ ହଜାର ୫୯୨କୁ ବୃଦ୍ଧି ପାଇଥିବା ବେଳେ ମୃତ୍ୟୁ ସଂଖ୍ୟା ୩୧ ଲକ୍ଷ ୧୨ ହଜାର ୩୧୫ରେ ପହଞ୍ଚିଛି। ସେହିପରି ଦେଶରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧ କୋଟି ୬୯ ଲକ୍ଷ ୬୦ ହଜାର ୧୭୨କୁ ବୃଦ୍ଧି ପାଇଥିବା ବେଳେ, ମୃତ୍ୟୁ ସଂଖ୍ୟା୧ ଲକ୍ଷ ୯୨ ହଜାର ୩୧୧କୁ ବୃଦ୍ଧି ପାଇଛି ଓ ୧ କୋଟି ୪୦ ଲକ୍ଷ ୮୫ ହଜାର ୧୧୦ଜଣ ସୁସ୍ଥ ହୋଇଛନ୍ତି। ୨୬ ଲକ୍ଷ ୮୨ ହଜାର ୭୫୧ ରୋଗୀ ସକ୍ରିୟ ଅଛନ୍ତି। ଏକ ସର୍ଭେରୁ ଜଣାପଡ଼ିଛି ମହାମାରୀ କରୋନା ମୋଟ ୨୧୯ଟି ଦେଶକୁ ଗ୍ରାସ କରିସାରିଛି।

କାରୋନାର ପ୍ରଥମ ପର୍ଯ୍ୟାୟରେ ଲୋକମାନଙ୍କୁ ମାସ୍କ, ସାନିଟାଇଜର, ସାବୁନ ଏବଂ ରନ୍ଧାଖାଦ୍ୟ ଯୋଗାଇ ଦେଇ ସଚେତନ କରୁଥିବା କରୋନା ଯୋଦ୍ଧାମାନେ ଦ୍ୱିତୀୟ ଲହରରେ ଦୃତ ସଂକ୍ରମଣ ଯୋଗୁ ଘରୁ ଗୋଡ଼ କାଢୁନାହାଁନ୍ତି। କାରଣ ପ୍ରଥମ ପର୍ଯ୍ୟାରେ ଯେଉଁ ହାରରେ କରୋନା ଯୋଦ୍ଧା ଓ ସ୍ୱେଚ୍ଛାସେବୀ ସଂଗଠନ ଲୋକମାନଙ୍କୁ ସଚେତନ କରାଉଥିଲେ, ଦ୍ୱିତୀୟ ଲହରରେ ସେମାନଙ୍କ ସଂଖ୍ୟା ବହୁ ପରିମାଣରେ କମିଯାଇଛି। କରୋନାରୁ ରକ୍ଷା ପାଇବା ପାଇଁ ୪୫ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିମାନଙ୍କୁ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟରେ ଟୀକା ଦିଆଚାଲିଛି। ବର୍ତ୍ତମାନ ସୁଦ୍ଧା ୧୨ କୋଟି ୭୧ ଲକ୍ଷ, ୨୯ ହଜାର ୧୧୩ ଜଣରୁ ଉର୍ଦ୍ଧ୍ୱ ଲୋକ ଟୀକା ନେଇସାରିଲେଣି। ସରକାରଙ୍କ ତରଫରୁ ମେ ମାସ ୧ ତାରିଖରୁ ୧୮ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିମାନଙ୍କୁ ଟୀକା ଦେବା ପାଇଁ ନିଷ୍ପତ୍ତି ନିଆଯାଇଛି। ତଥାପି ଏହା କରୋନା ଉପରେ କୌଣସି ପ୍ରଭାବ ପକାଇବାର ପରିଲକ୍ଷିତ ହୋଇନାହିଁ। କରୋନା ଏକ ଏଭଳି ରୋଗ ଯାହା ଆଜି ପର୍ଯ୍ୟନ୍ତ ବୈଜ୍ଞାନିକ ଏହି ରୋଗ ବିଷୟରେ ସଠିକ୍ ତଥ୍ୟ ଦେଇପାରି ନାହାଁନ୍ତି କି ଏହାର ନିରାକରଣ ପାଇଁ ଏପର୍ଯ୍ୟନ୍ତ ପ୍ରତିଷେଧକ ଔଷଧ ତିଆରି ହୋଇପାରି ନାହିଁ। ଯେଉଁଥି ପାଇଁ କରୋନା ଯୋଦ୍ଧାମାନେ ଲୋକଙ୍କ ନିକଟରେ ପହଞ୍ଚି ସଚେତନ କରିବାକୁ ଆଉ ସାହସ କରୁନାହାଁନ୍ତି।

ଅନ୍ୟ ରାଜ୍ୟ ତୁଳନାରେ ଯଦିଓ ଓଡ଼ିଶାରେ କରୋନା ସଂକ୍ରମଣ ନିୟନ୍ତ୍ରଣରେ ଥିଲା, ତେବେ ସାମାଜିକ ଦୂରତ୍ୱକୁ ନ ମାନିବା, ମାସ୍କ ନ ପିନ୍ଧିବା ଫଳରେ ଏବେ କରୋନାର ଦ୍ୱିତୀୟ ଲହର ଓଡ଼ିଶାବାସୀଙ୍କ ପାଇଁ ଘାତକ ସାଜିଛି। ମୁଖ୍ୟମନ୍ତ୍ରୀଙ୍କ ବାରମ୍ବାର ଅନୁରୋଧ ସତ୍ତ୍ୱେ ସାଧାରଣ ଜନତା ସଚେତନ ହେଉନାହାଁନ୍ତି। ସରକାରଙ୍କ ସମସ୍ତ କଟକଣା ସତ୍ତ୍ୱେ କୋଭିଡ଼ ଆଇନର ଖୋଲାଖୋଲି ଉଲଂଘନ କରାଯାଉଛି। ମୁଖ୍ୟମନ୍ତ୍ରୀ ମାସ୍କ ପିନ୍ଧିବା ବାଧ୍ୟତାମୂଳକ ବୋଲି ନିବେଦନ କରୁଥିଲେ ମଧ୍ୟ ସାଧାରଣ ଲୋକେ ବିନା ମାସ୍କରେ ବଜାର, ହାଟ ଓ ଛକମାନଙ୍କରେ ବୁଲିବା, ଯୁବକ ଯୁବତୀମାନେ ମାଳ ମାଳ ହୋଇ ହୋଟେଲ, ରେଷ୍ଟୁରାଣ୍ଟ ଓ ଥଣ୍ଡାପାନୀୟ ଦୋକାନରେ ଭିଡ଼ ଜମାଉଥିବାର ପରିଲକ୍ଷିତ ହେଉଛି। ଅମାନିଆଙ୍କୁ ସାବାଡ଼ କରିବାକୁ ଯାଇ ମାସ୍କ ପିନ୍ଧି ନଥିବା ବ୍ୟକ୍ତିଙ୍କ ଠାରୁ ୨ ହଜାର ଟଙ୍କା ଜୋରିମାନା ଘୋଷଣା କରିଥିଲେ ମଧ୍ୟ ପରିସ୍ଥିତିରେ ସୁଧାର ଆସିପାରିନାହିଁ। ଦିନକୁ ଦିନ ରେକର୍ଡ଼ ସଂଖ୍ୟକ କରୋନା ସଂକ୍ରମିତ ଚିହ୍ନଟ ହେବାରେ ଲାଗିଛି। ଏପ୍ରିଲ ୨୨ ତାରିଖ ଦିନ ରାଜ୍ୟରେ ସର୍ବାଧିକ ୬ ହଜାର ୨୧୫ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରୁ ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୯୫୦ଜଣ ଚିହ୍ନଟ

ହରିଦ୍ୱାରରେ ଚାଲିଥିବା କୁମ୍ଭମେଳାରେ ଦେଶବ୍ୟାପୀ ବିଭିନ୍ନ ରାଜ୍ୟରୁ ଶ୍ରଦ୍ଧାଳୁମାନେ ସ୍ନାନଯାତ୍ରାରେ ସାମିଲ୍ ହୋଇଥିବା ବେଳେ ଓଡ଼ିଶାରୁ ମଧ୍ୟ ବହୁ ଶ୍ରଦ୍ଧାଳୁ କୁମ୍ଭମେଳାରେ ଯୋଗ ଦେଇଥିଲେ। ଲକ୍ଷାଧିକ ସଂଖ୍ୟାରେ ସାଧୁ, ସନ୍ଥ ଓ ଶ୍ରଦ୍ଧାଳୁ ଯୋଗଦେବା ଫଳରେ ସେଠାରେ କରୋନା ସ୍ଥିତି ଅଣାୟତ ହୋଇପଡ଼ିଛି। ୫ ଦିନରେ ଦୁଇ ହଜାରରୁ ଅଧିକ କରୋନା ଆକ୍ରାନ୍ତ ଚିହ୍ନଟ ହେବା ମୁଣ୍ଡବ୍ୟଥାର କାରଣ ସାଜିଛି। ଏଥିରେ ଯୋଗ ଦେଇଥିବା ଶ୍ରଦ୍ଧାଳୁମାନେ ଯେତେବେଳେ ନିଜ ରାଜ୍ୟକୁ ଫେରିବେ, ସେତେବେଳେ ପରିସ୍ଥିତି ଅଧିକ ସଙ୍ଗୀନ ହେବ ବୋଲି ଅନୁମାନ କରାଯାଉଛି। ତେବେ କରୋନା ନିୟନ୍ତ୍ରଣକୁ ଦୃଷ୍ଟିରେ ରଖି କୁମ୍ଭମେଳାକୁ ବନ୍ଦ କରିଦିଆଯାଇଛି। କୁମ୍ଭମେଳାରେ ଅଂଶଗ୍ରହଣ କରି ରାଜ୍ୟକୁ ଫେରିବାକୁ ଥିବା ଶ୍ରଦ୍ଧାଳୁମାନଙ୍କ ପାଇଁ ୧୪ ଦିନ ସଙ୍ଗରୋଧ ବାଧ୍ୟତାମୂଳକ କରାଯାଇଛି। କରୋନା ସଂକ୍ରମଣ ବୃଦ୍ଧି ପାଇଁ କ୍ଷୁଦ୍ର ସମାବେଶ ଦାୟୀ ବୋଲି ପ୍ରସିଦ୍ଧ ମେଡ଼ିକାଲ ଜର୍ଣ୍ଣାଲ 'ଦ ଲାନସେଟ' ରିପୋର୍ଟରୁ ପ୍ରକାଶ। ଏହି ରିପୋର୍ଟ ଅନୁସାରେ କରୋନା ମହାମାରୀ ଆଗାମୀ ଜୁନ୍ ମାସରେ ଅତି ଭୟଙ୍କର ହେବ। ଜୁନ୍ ସୁଦ୍ଧା କରୋନା ସଂକ୍ରମଣ ଶିଖର ଛୁଇଁବ ଓ ମୃତ୍ୟୁସଂଖ୍ୟା ମଧ୍ୟ ବୃଦ୍ଧି ପାଇବ। ଦୈନିକ ହାରାହାରି ୨୫୦୦ ଜଣ ମୃତ୍ୟୁବରଣ କରିବେ ବୋଲି ଆଶଙ୍କା ପ୍ରକାଶ ପାଇଛି। କରୋନା ନିୟନ୍ତ୍ରଣ ପାଇଁ ସମସ୍ତ ସଭା, ସମାବେଶରେ ରୋକ ଲାଗିବା ସହିତ ପ୍ରେକ୍ଷାଳୟମାନଙ୍କରେ ଜନସମାବେଶ ଉପରେ ସମ୍ପୂର୍ଣ୍ଣ ନିଷୋଧାଦେଶ ଜାରି ହେବା ଉଚିତ। ତେଣୁ ସମସ୍ତ ଧାର୍ମିକ, ରାଜନୈତିକ ଏବଂ ସାମାଜିକ ସମାବେଶକୁ ବନ୍ଦ କରାନଗଲେ ସଂକ୍ରମଣ ଦ୍ରୁତ ଗତିରେ ବୃଦ୍ଧି ପାଇବ ବୋଲି ଅନୁମାନ କରାଯାଉଛି।

କରୋନାର ଦ୍ୱିତୀୟ ଲହରରେ ସଂକ୍ରମିତଙ୍କ ସଂଖ୍ୟା ଏତେମାତ୍ରାରେ ବୃଦ୍ଧି ପାଉଛି ଯେ, ହସ୍ପିଟାଲରେ ରୋଗୀଙ୍କ ପାଇଁ ଶଯ୍ୟା ଓ ଆଇସିୟୁର ଘୋର ଅଭାବ ଦେଖାଦେଇଛି। କରୋନାର ପ୍ରଥମ ଲହରରେ ହସ୍ପିଟାଲମାନଙ୍କରେ ଚିକିତ୍ସିତ ହେଉଥିବା ରୋଗୀ ଗୁରୁତର ହୋଇପଡ଼ିଲେ ସେମାନଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଉଥିଲା, ମାତ୍ର ଦ୍ୱିତୀୟ ହଲରରେ କରୋନା ସଂକ୍ରମିତ ହେବା ମାତ୍ରେ ରୋଗୀ ସଙ୍ଗେ ସଙ୍ଗେ ଗୁରୁତର ହୋଇପଡୁଛି ଫଳରେ ଆଇସିୟୁରେ ଭର୍ତ୍ତି କରିବା ପାଇଁ ସଙ୍କଟ ଦେଖାଦେଇଛି। ହସ୍ପିଟାଲର ଘୋର ଅଭାବ ଦେଖାଦେବାରୁ ବର୍ତ୍ତମାନ ସଂକ୍ରମିତ ରୋଗୀମାନଙ୍କୁ ନିଜ ଘରେ ରହି ଚିକିତ୍ସିତ ହେବାକୁ ପରାମର୍ଶ ଦିଆଯାଉଛି। ସେହିଭଳି ମୃତ୍ୟୁ ସଂଖ୍ୟା ମାତ୍ରାଧିକ ବୃଦ୍ଧି ଫଳରେ ଶବଦାହ କରିବା ପାଇଁ ଶ୍ମଶାନର ଅଭାବ ଦେଖାଦେଇଛି। ଅଧିକାଂଶ ରାଜ୍ୟରେ ଶବ ସଂସ୍କାର କରିବା ପାଇଁ ୮/୧୦ ଘଣ୍ଟା ଅପେକ୍ଷା କରିବାକୁ ପଡୁଛି। କରୋନାର ଦ୍ୱିତୀୟ ଲହର କେତେ ଯେ ଭୟଙ୍କର ତାହା ସଂକ୍ରମିତ ଓ ମୃତ୍ୟୁ ସଂଖ୍ୟାରୁ ସ୍ପଷ୍ଟ ବାରି ହୋଇପଡୁଛି। ତେଣୁ ସାରା ବିଶ୍ୱରେ ଘାତକ ସାଜିଥିବା କରୋନାର ଦ୍ୱିତୀୟ ଲହରକୁ ପ୍ରତିହତ କରିବାକୁ ହେଲେ ମାସ୍କ ନିୟମିତ ପିନ୍ଧିବା, ସାନିଟାଇଜ ବ୍ୟବହାର କରିବା, ସାମାଜିକ ଦୂରତା ବଜାୟ ରଖିବା ସହ ସତର୍କ ଓ ସଚେତନ ନିହାତି ଅପରିହାର୍ଯ୍ୟ ହୋଇପଡ଼ିଛି। ନଚେତ୍ ଖୁବ୍ କମ୍ ଦିନ ମଧ୍ୟରେ ସମଗ୍ର ବିଶ୍ୱକୁ ଗ୍ରାସ କରିଦେବା ଭଳି କରୋନାର କରୁଣ ଚିତ୍ରକୁ ଏଡ଼ାଇ ଦେଇ ହେବନାହିଁ।

**ସୁବାସ କୁମାର ତାରଣିଆଁ, କଣ୍ଟି, ବାହାରଣା, ବାଲିକୁଦା, ଜଗତସିଂହପୁର, ମୋ: ୮୩୨୮୮୪୦୨୧୪**

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଡେମୋ ପାଇଖାନାରେ ଥଣ୍ଡାପାନୀୟ ବ୍ୟବସ୍ଥା

କେନ୍ଦ୍ରାପଡା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଡେମୋ ପାଇଖାନା ଗୃହରେ ସର୍ବସାଧାରଣଙ୍କ ପାଇଁ ଥଣ୍ଡା ପାନୀୟ ଜଳର ବ୍ୟବସ୍ଥା ହୋଇଥିଲା। ଯାହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇବା ସହ ସେ ସମ୍ପର୍କରେ ଖବର ପ୍ରକାଶ ପାଇବା ପରେ ସେଠାରୁ ସଂପୃକ୍ତ ପ୍ରକଳ୍ପଟିକୁ ଉଠାଇ ନିଆଯାଇଥିବା ଦେଖାଯାଇଛି। ସବୁଠୁ ଆଶ୍ଚର୍ଯ୍ୟର କଥା ହେଉଛି ସେହି ଥଣ୍ଡା ପାନୀୟ ବ୍ୟବସ୍ଥାକୁ ନିକଟରେ ଥିବା ଏକ ଡ୍ରେନରୁ ପାଣି ପାଇପ ସଂଯୋଗ



କରାଯାଇଥିବା ଯୋଗୁଁ ସେଠାରୁ ପାଣି ପିଇ ଲୋକମାନେ ଭବିଷ୍ୟତରେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବାର ଆଶଙ୍କା ସୃଷ୍ଟି ହୋଇଥିଲା। ତେଣୁ ସେହି ବ୍ୟବସ୍ଥାର ତୁରନ୍ତ ପରିବର୍ତ୍ତନ ସହ ସଂପୃକ୍ତ ପ୍ରକଳ୍ପଟିକୁ ଅନ୍ୟତ୍ର ସ୍ଥାନାନ୍ତର କରାଯିବାକୁ ଦାବି ହୋଇଥିଲା। ତେଣୁ ଜିଲ୍ଲା ପ୍ରଶାସନ ଶେଷରେ ପ୍ରକଳ୍ପଟିକୁ ସେଠାରୁ ଉଠାଇ ନେଇଥିବା ବେଳେ ଖୁବଶୀଘ୍ର ଅନ୍ୟତ୍ର ସ୍ଥାପନା କରାଯିବ ବୋଲି ସୂଚନା ମିଳିଛି।

## ଉତ୍କଳଗୌରବ ମଧୁବାବୁଙ୍କ ଜୟନ୍ତୀ ପାଳିତ



ଭୁବନେଶ୍ୱର (ପିଏନ୍): ଓଡିଶା ପ୍ରଦେଶ ଗଠନର ମୁଖ୍ୟ କର୍ଣ୍ଣଧାର, ଉତ୍କଳ ସମ୍ମିଳନୀର ପ୍ରାଣପ୍ରତିଷ୍ଠାତା ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଅବସରରେ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି। ଏହି ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିକ୍ଷାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ସଭାପତିତ୍ୱ କରି ମଧୁବାବୁ କେବଳ ଉତ୍କଳ ଗୌରବ ନୁହଁନ୍ତି ସେ ହେଉଛନ୍ତି ଭାରତଗୌରବ ବୋଲି କହିବା ସହିତ ତାଙ୍କ ପ୍ରତିମୂର୍ତ୍ତି ସଂସଦ ଭବନ ପରିସରରେ ପ୍ରତିଷ୍ଠା ପାଇଁ ଦାବି କରିଥିଲେ। ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଯୁଗ୍ମ-ସଂପାଦକ ସିଦ୍ଧାର୍ଥ ଶଙ୍କର ଗଡନାୟକ, ବାସନ୍ତୀ ତ୍ରିପାଠୀ, ଗୋପୀମୋହନ ପଟ୍ଟନାୟକ, ଅକ୍ଷୟ କୁମାର ଜେଠୀ, ସମରଂଜନ ମହାନ୍ତି, ନିଳମଣୀ ମିଶ୍ର ଓ ସୁଦର୍ଶନ ପ୍ରଧାନ ପ୍ରମୁଖ କୋଭିଡ କଟକଣା ମାନି ଉପସ୍ଥିତ ରହିବା ସହିତ ବରପୁତ୍ରଙ୍କୁ ଶ୍ରଦ୍ଧାଂଜଳି ଜ୍ଞାପନ କରିଥିଲେ।

## ମନୋଜ ଦାସଙ୍କ ବିୟୋଗରେ ସିପିଆଇର ଶୋକ ପ୍ରକାଶ

ଭୁବନେଶ୍ୱର (ପିଏନ୍): ଆନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଲେଖକ, ପଦ୍ମଭୂଷଣ ଡଃ ମନୋଜ ଦାସଙ୍କ ବିୟୋଗରେ ସିପିଆଇର ଓଡ଼ିଶା ରାଜ୍ୟ ପରିଷଦ ଗଭୀର ଶୋକ ପ୍ରକାଶ କରିଛି। ସେ ଥିଲେ ଛାତ୍ର ଜୀବନରେ ଆନ୍ତର୍ଜାତୀୟ ସ୍ତରରେ ଛାତ୍ରସଂଘକୁ ପ୍ରତିନିଧିତ୍ୱ କରିଥିବା ଛାତ୍ରନେତା ଏବଂ ପରବର୍ତ୍ତୀ ସମୟରେ ଓଡ଼ିଆ ଭାଷା ଓ ସାହିତ୍ୟର ସ୍ପର୍ଦ୍ଧିତ ସ୍ୱର। ତାଙ୍କ ବିୟୋଗରେ ଓଡ଼ିଆ ସାହିତ୍ୟ ଆକାଶରୁ ଏକ ଉଜ୍ଜ୍ୱଳ ନକ୍ଷତ୍ର ଅସ୍ତମିତ ହୋଇଗଲା ଏବଂ ଉତ୍କଳ ଜନନୀ ଜଣେ ବିଶିଷ୍ଟ ଚିନ୍ତାନାୟକ ଓ ମହାନ୍ ସାରସ୍ୱତ ସାଧକଙ୍କୁ ହରାଇଲା। ଓଡ଼ିଶା ପାଇଁ ଏହା ଏକ ଅପୂରଣୀୟ କ୍ଷତି।

## ତ୍ୟାଗ ଓ ସେବାର ପ୍ରତୀକ ଥିଲେ ଗୋପବନ୍ଧୁ ଚୌଧୁରୀ



ଜଗତସିଂହପୁର (ପିଏନ୍): ଜଗତସିଂହପୁର ସାରସ୍ୱତ ପରିଷଦ ପକ୍ଷରୁ ଆଜି ସଂଗ୍ରାମୀ ଗୋପବନ୍ଧୁ ଚୌଧୁରୀଙ୍କ ୬୩ତମ ଶ୍ରାଦ୍ଧୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ଡାକବଙ୍ଗଳା ଛକସ୍ଥିତ ଗୋପବନ୍ଧୁ ଚୌଧୁରୀଙ୍କ ପ୍ରତିମୂର୍ତ୍ତିରେ ପରିଷଦ ପକ୍ଷରୁ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ପରେ ପରିଷଦ ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଥିଲା। ପରିଷଦର ସଭାପତି ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ ଏଥିରେ ଅଧକ୍ଷତା କରି ସ୍ୱର୍ଗତଃ ଗୋପବନ୍ଧୁ ଚୌଧୁରୀ ତ୍ୟାଗ ଓ ସେବାର ପ୍ରତୀକ ଥିଲେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ଧରଣୀଧର ପ୍ରଧାନ ଆଲୋଚନାରେ ଅଂଶଗ୍ରହଣ କରି ଗୋପବନ୍ଧୁ ଚୌଧୁରୀଙ୍କ ଜୀବନାଦର୍ଶରେ ଉତ୍ତର ପିଢିର ଦାୟାଦମାନେ ଅନୁପ୍ରାଣିତ ହେବାକୁ ମତ ଦେଇଥିଲେ। ଏହି ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ବିଜୟ କୁମାର ଲେଙ୍କା, ଯୋଗଜନ୍ମା ଚାନ୍ଦ, ଛାତ୍ରୀ ସୋନାଲି ବେହେରା, ନିରୁପମା ରାଉତ, ସରୋଜିନୀ ସାମଲ, ଉପସ୍ଥିତ ଥିଲେ। ଶେଷରେ ଧନେଶ୍ୱର ବେହେରା ଧନ୍ୟବାଦ ଦେଇଥିଲେ।

## ଧର୍ମପରାୟଣା ମହିଳାଙ୍କ ହୃଦ୍‌ଘାତରେ ପରଲୋକ



ଆନନ୍ଦପୁର (ପିଏନ୍): ଆନନ୍ଦପୁର ପୌରପରିଷଦର ୪ନଂ ୱାର୍ଡ ନନ୍ଦିସାହିର ଜନୈକ ଧର୍ମପରାୟଣ ମହିଳାଙ୍କ ଗତ ୨୩ତାରିଖ ସନ୍ଧ୍ୟା ସମୟରେ ହୃଦଘାତରେ ପରଲୋକ ଘଟିଥିବା ଜଣାପଡିଛି। ନନ୍ଦିସାହିର ୰ଇଂ ସାରଙ୍ଗଧର ଲକ୍ଷ୍ମଣଙ୍କ ଧର୍ମପତ୍ନୀ ପ୍ରେମଲତା ଲକ୍ଷବଛ (୭୭)ନିଜ ବାସଭବନରେ ସ୍ୱଭାବିକ ଭାବେ ପରିବାର ସଦସ୍ୟଙ୍କ ସହିତ ଜୀବନଯାପନ କରି ଆସୁଥିବା ବେଳେ ୨୩ତାରିଖ ସନ୍ଧ୍ୟା ସମୟରେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ଘଟଣାସ୍ଥଳରେ ତାଙ୍କର ଦୃଦ୍‌ଘାତରେ ପରୋଲକ ହୋଇଯାଇଥିଲା। ସେ ଜଣେ ପରୋପକାରୀ, ମିଷ୍ଟଭାଷୀ ଓ ଧର୍ମପରାୟଣ ମହିଳା ଭାବେ ସାହିରେ ବେଶ୍ ପରିଚିତ ଥିବାବେଳେ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ପରମ ଭକ୍ତ ଥିଲେ। ତାଙ୍କର ପରଲୋକ ଖବର ଶୁଣି ବହୁ ମାନ୍ୟଗଣ୍ୟ ବ୍ୟକ୍ତି ନନ୍ଦିସାହିର ଗୁରୁ ନିବାସ ବାସଭବନକୁ ଯାଇ ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ତାଙ୍କର ମୃତ୍ୟୁଶଯ୍ୟା ନିକଟରେ ଦୁଇ ପୁତ୍ର ବାପୁ, ବବି, ପୁତ୍ରବଧୂ , ଦୁଇଝିଅ ସୁପ୍ରିୟା ଓ ସୁପ୍ରିତ, ନାତିନାତୁଣୀ ଉପସ୍ଥିତ ରହିଥିବା ବେଳେ ଶନିବାର ଦିନ ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ନିଆଯାଇ ପୂଣ୍ୟତୋୟା ବୈତରଣୀ ନଦୀକୂଳରେ ସତ୍କାର କରାଯାଇଥିଲା। ତାଙ୍କର ସାନପୁଅ ବବି ମୁଖାଗ୍ନି ଦେଇଥିଲେ।

## କୋଳିମାଟିରେ ମନରେଗା ଯୋଜନା ବାଟବଣା



ଆନନ୍ଦପୁର (ପିଏନ୍): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକର ଆଦିବାସୀ ଅଂଚଳରେ ସରକାରଙ୍କ ବିଭିନ୍ନ ଯୋଜନା ହରିଲୁଟ୍ ହେଉଥିବାର ଜ୍ୱଳନ୍ତ ଉଦାହରଣ କୋଳିମାଟି ପଂଚାୟତରେ ଦେଖିବାକୁ ମିଳିଛି। ପଂଚାୟତର କନ୍ତୋ ଗାଁରେ ଏକ ଖେଳ ପଡିଆର ବିକାଶ ଲାଗି ଆସିଥିବା ପ୍ରାୟ ୫ଲକ୍ଷ ଟଙ୍କାର ସରକାରୀ ଅନୁଦାନ ମାତ୍ର ଗୋଟିଏ ଦିନ ମେସିନ୍ ଲଗାଇ ନଦୀପଠା ସମତୁଲ କରାଯାଇ ଏହି ଅର୍ଥକୁ ଉଠାଇ ନିଆଯାଇଥିବା ଗୁରୁତର ଅଭିଯୋଗ ହୋଇଛି। କେନ୍ଦ୍ର ସରକାରଙ୍କ ଆର୍ଥିକ ଅନୁଦାନରେ ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ସ୍ଥାନୀୟ ଶ୍ରମଜୀବୀ ଓ ଦିନମଜୁରିଆମାନଙ୍କୁ ନିୟୋଜିତ କରି ଶ୍ରମ ଦିବସ ସୃଷ୍ଟି କରିବା ଲାଗି ଲକ୍ଷ ଧାର୍ଯ୍ୟ କରାଯାଇଛି। ମାତ୍ର ଗୋଟିଏ ଦିନ ମେସିନ୍ ଲଗାଇ ଏହି କାର୍ଯ୍ୟକୁ ଶେଷ କରାଯାଇଛି। ମୂଷଳ ନଦୀପଠାକୁ ସମତୁଲ କରାଯାଇ ଯେଉଁ ଖେଳ ପଡିଆର ରୂପ ଦିଆଯାଇଛି ତାହା ମୂଷଳ ନଦୀର ସାମାନ୍ୟ ବନ୍ୟାରେ ଜଳାର୍ଣ୍ଣବ ହେବା ଆଶଙ୍କା ସୃଷ୍ଟି ହୋଇଛି। ୨୦୨୦-୨୧ ଆର୍ଥିକ ବର୍ଷ ଲାଗି ଆସିଥିବା ଏହି ସରକାରୀ ଅନୁଦାନ ପାଇଁ ଯେଉଁ ମୋଷ୍ଟର ରୋଲ ପ୍ରସ୍ତୁତ କରାଯାଇଛି ସେଥିରେ ସ୍ଥାନୀୟ ଶ୍ରମଜୀବୀମାନଙ୍କ ନାମ ଥିଲେ ମଧ୍ୟ ସେମାନେ ଉକ୍ତ କାର୍ଯ୍ୟ ସମ୍ପର୍କରେ ଜାଣିନଥିବା ପ୍ରକାଶ କରିଛନ୍ତି। ଅନ୍ୟ ପକ୍ଷରେ କନ୍ତୋ ଗାଁରେ ପଡିଆ ଲାଗି ଉଦ୍ଦିଷ୍ଟ ଅନେକ ସ୍ଥାନ ଥିବାବେଳେ ନଦୀପଠାରେ ଖେଳ ପଡିଆ କରାଯିବାରୁ ସଚେତନ ଯୁବକମାନେ ବିରୋଧ କରିଥିଲେ ମଧ୍ୟ ବଳପୂର୍ବକ ଉକ୍ତ କାର୍ଯ୍ୟ ଶେଷ କରିଦିଆଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ଆନନ୍ଦପୁର ବିଡିଓ ପଞ୍ଚାନନ ମଲ୍ଲିକଙ୍କୁ ଯୋଗାଯୋଗ କରିବାରୁ ଅଂଚଳବାସୀଙ୍କ ବିରୋଧ ସତ୍ତ୍ୱେ ଯଦି ଉକ୍ତ କାର୍ଯ୍ୟ ହୋଇଥାଏ ତେବେ ଏହାର ତଦନ୍ତ କରାଯାଇ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି।

## ହରିଣ ଛୁଆ ଉଦ୍ଧାର ପରେ ବନ ବିଭାଗକୁ ହସ୍ତାନ୍ତର



ଆନନ୍ଦପୁର (ପିଏନ୍): ଆନନ୍ଦପୁର ବନଖଣ୍ଡ ଅଧିନରେ ଥିବା ଅଟେଇ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଅବାଧରେ ଶିକାରୀ କୁକୁର ପ୍ରବେଶ କରି ସଂଘବଦ୍ଧ ହୋଇ ଏକ ହରିଣକୁ ଆକ୍ରମଣ କରି ଖଣ୍ଡିଆ ଖାବରା କରିଥିବା ବେଳେ କିଛିଦିନ ହେଲା ଅନେକ ହରିଣ ଆକ୍ରମଣରେ ପ୍ରାଣ ହରାଇଥିବା ସହ ଆହତ ମଧ୍ୟ ହୋଇଛନ୍ତି। ସେହିପରି ଅନେକ ଭୟଭୀତ ହରିଣ ଗ୍ରାମାଭିମୁଖୀ ହେଉଥିବା ଦେଖିବାକୁ ମିଳିଛି। ଗତ ଶୁକ୍ରବାର ସକାଳ ସମୟରେ କୁକୁର ହାବୁଡରେ ପଡି ଏକ ହରିଣ ଛୁଆ ପଣଡିହା ପଂଚାୟତର ଜାଳି ଗାଁକୁ ପଶି ଆସିଥିଲା। ଗ୍ରାମବାସୀ ହରିଣକୁ ଉଦ୍ଧାର କରିବା ସହିତ ବନବିଭାଗକୁ ଖବର ଦେଇଥିଲେ। ବନବିଭାଗ କର୍ମଚାରୀ ସେଠାରେ ପହଂଚିବା ପରେ ଗ୍ରାମବାସୀ ହରିଣକୁ ହସ୍ତାନ୍ତର କରିବା ପରେ ବନବିଭାଗ ହରିଣର ସ୍ୱାସ୍ଥ୍ୟ ପରୀକ୍ଷା କରି ସ୍ଥାନୀୟ ଜଙ୍ଗଲରେ ଛାଡି ଦେଇଥିବା ଜଣାପଡିଛି। ଗ୍ରୀଷ୍ମ ଋତୁ ଆରମ୍ଭରୁ ଜଙ୍ଗଲ ମଧ୍ୟରେ ଶିକାରୀଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇଥିବାରୁ ହରିଣ ବଂଶ ଅସୁରକ୍ଷିତ ହେବା ସହିତ କୁକୁରଙ୍କ ଗତିବିଧି ଉପରେ ନଜର ରଖିବାକୁ ଅଧିକ ସଂଖ୍ୟକ ସୁରକ୍ଷା କର୍ମୀ ନିଯୁକ୍ତି କରିବାକୁ ଗ୍ରାମବାସୀ ଆନନ୍ଦପୁର ଡିଏଫ୍‌ଓଙ୍କ ନିକଟରେ ଦାବି କରିଛନ୍ତି।




# କରୋନା ସଂକ୍ରମଣ ରୋକିବା ଲାଗି ବାୟୋମେଡିକାଲ୍ ବର୍ଜ୍ୟବସ୍ତୁର ପରିଚାଳନା ଉପରେ ଜାତିସଂଘର ସଂସ୍ଥା "ୟୁନିଡୋ'ର ଗୁରୁତ୍ୱ

ଭୁବନେଶ୍ୱର: କରୋନା ସଂକ୍ରମଣକୁ ରୋକିବାକୁ ହେଲେ ବାୟୋ ମେଡିକାଲ୍ ବର୍ଜ୍ୟବସ୍ତୁର ସଠିକ୍ ପରିଚାଳନା କରିବା ଜରୁରୀ। ଏହା ଉପରେ ଗମ୍ଭୀରତାର ସହ ବିଚାର କରି ଗୁରୁତ୍ୱ ଦେବାକୁ ପଡ଼ିବ ବୋଲି ୟୁନାଇଟେଡ୍ ନେସନ୍ସ ଇଣ୍ଡଷ୍ଟ୍ରିଆଲ୍ ଡେଭେଲପ୍‌ମେଂଟ୍ ଅର୍ଗାନାଇଜେସନ୍ (ୟୁନିଡୋ)ର ପ୍ରତିନିଧି ଡକ୍ଟର ରେନେ ଭାନ୍ ବର୍କେଲ୍ କହିଛନ୍ତି। ଅଣ ଲାଭଦାୟକ ସଂସ୍ଥା କମ୍ୟୁନେଟି ପକ୍ଷରୁ ରମୈୟାହ ମେଡିକାଲ୍ କଲେଜ ଓ ୟୁନିଡୋ ଭାରତ ସହଯୋଗରେ ଆୟୋଜନ କରାଯାଇଥିବା ଏକ ୱେବିନାରରେ ଅଂଶଗ୍ରହଣ କରି ସେ କହିଛନ୍ତି ଯେ ପୂର୍ବାପେକ୍ଷା ଆମକୁ ବାୟୋ ମେଡିକାଲ୍‌ର ବର୍ଜ୍ୟ ପରିଚାଳନା ଉପରେ ଅଧିକ ଗୁରୁତ୍ୱ ଦେବାକୁ ପଡ଼ିବ। ଏହା ଦ୍ୱାରା ହିଁ କରୋନା ସଂକ୍ରମଣକୁ ରୋକାଯାଇପରିବ। ଭାରତର ପାଂଚଟି ରାଜ୍ୟ କର୍ଣ୍ଣାଟକ, ପଂଜାବ, ଓଡ଼ିଶା, ମହାରାଷ୍ଟ୍ର ଓ ଗୁଜରାଟର ୧୬୦ରୁ ଅଧିକ ହସ୍ପିଟାଲ୍‌ରେ ମେଡିକାଲ୍ ବର୍ଜ୍ୟର ପରିଚାଳନା କରିବା ଲାଗି ପରିବେଶ ମିତବ୍ୟୟୀ ପଦ୍ଧତି ଓ ବ୍ୟବସ୍ଥା ବିକଶିତ କରିବା ଏବଂ କାର୍ଯ୍ୟକାରୀ କରିବା ଉପରେ ୟୁନିଡୋ କାର୍ଯ୍ୟ କରୁଛି। କୋଭିଡ୍-୧୯ ସଂକ୍ରମଣ ପରଠାରୁ ଏହି ପଦକ୍ଷେପ ଗ୍ରହଣ କରାଯିବା ଯୋଗୁଁ କୋଭିଡ୍-୧୯ ସଂକ୍ରମଣକୁ ସମ୍ପୂର୍ଣ୍ଣ ରୋକାଯାଇପାରିଛି। ପରାମର୍ଶ ଭିତିକ ଭିଡିଓ, ପେସାଦାର ତାଲିମ, ବିକାଶ ଏବଂ ସ୍ୱତନ୍ତ୍ର କୋଭିଡ୍-୧୯ ଭିତିକ ନିୟମ ପ୍ରଣୟନ, ବର୍ଜ୍ୟବସ୍ତୁ ପରିଚାଳନା କରୁଥିବା ଯୋଗାଣକାରୀଙ୍କୁ ଚିହ୍ନଟ ଓ ପ୍ରସାର ଆଦି ଜରିଆରେ ବର୍ଜ୍ୟବସ୍ତୁକୁ ନିୟନ୍ତ୍ରଣରେ ରଖାଯାଇଥିବା ବେଳେ ତାହାର ପୃଥକୀକରଣ କରିବା ପାଇଁ ବିବିଧ ବ୍ୟବସ୍ଥା ଗ୍ରହଣ କରାଯାଇଛି। ବାରାଣାସୀର ସ୍ୱଚ୍ଛତା କର୍ମୀ ଡେମସୁତୁଲା ଇମସଙ୍ଗ ଏହି ୱେବିନାରରେ ଅଂଶଗ୍ରହଣ କରି ଗୋଷ୍ଠୀ ସହଯୋଗିତା ଜରିଆରେ ବାରାଣସୀ ଘାଟର ସଫେଇ ଅନୁଭୂତି ବର୍ଣ୍ଣନା କରିଥିଲେ। ଜୈବ ମେଡିକାଲ୍ ବର୍ଜ୍ୟ ପରିଚାଳନାରେ ହସ୍ପିଟାଲ୍‌ଗୁଡ଼ିକ କିଭଳି ପ୍ରମୁଖ ଭୂମିକା ଗ୍ରହଣ କରିପାରିବେ ତାହା ସେ ଜଣାଇଥିଲେ। ଏହି ୱେବିନାରରେ ରାଜ୍ୟ ପଦୂଷଣ ନିୟନ୍ତ୍ରଣ ବୋର୍ଡଗୁଡ଼ିକର ପ୍ରତିନିଧି ଅଂଶଗ୍ରହଣ କରି ନିଜ ଅନୁଭୂତି ବର୍ଣ୍ଣନା କରିଥିଲେ।

# ଚଳିତ ବର୍ଷ ଅନ୍‌ଲାଇନ୍‌ରେ ହେବ ଏସ୍.ଓ.ଏଫ୍ ଅଲମ୍ପିଆଡ୍ ପରିକ୍ଷା

ରାଉରକେଲା, ୨୨/୧୦: ଆନ୍ତର୍ଜାତିୟସ୍ତରରେ ଛାତ୍ରଛାତ୍ରୀମାନଙ୍କ ପାଇଁ ଅଲମ୍ପିଆଡ୍ ପରିକ୍ଷା କରାଉଥିବା 'ସାଇନ୍ସ ଅଲମ୍ପିଆଡ୍ ଫାଉଁଡେସନ୍' ପକ୍ଷରୁ ଚଳିତ ଏକାଡେମିକ୍ ଇୟର ପାଇଁ ଅନ୍‌ଲାଇନ୍ ପରିକ୍ଷାର ଘୋଷଣା କରାଯାଇଛି, ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇ ଫାଉଣ୍ଡେସନ୍ ପକ୍ଷରୁ ଏହିପରି ପଦକ୍ଷପ ନିଆଯାଇଛି ଯାହାଦ୍ୱାରା ସମସ୍ତ ଛାତ୍ରଛାତ୍ରୀ ନିଜ ଘରେ ବସି ପରିକ୍ଷା ଦେଇପାରିବେ। ବିଦ୍ୟାର୍ଥିମାନଙ୍କ ଜ୍ଞାନକୌଶଳକୁ ଆନ୍ତର୍ଜାତିୟ, ଜାତିୟ ତଥା ରାଜ୍ୟସ୍ତରରେ ସମ୍ମାନୀତ କରିବା ପାଇଁ ଏସ୍.ଓ.ଏଫ୍ ସବୁବେଳେ ଚେଷ୍ଟାକରିଆସିଛି। ପ୍ରତିବର୍ଷ ପାଖାପାଖି ୧୦ ଲକ୍ଷରୁ ଉର୍ଦ୍ଧ ଛାତ୍ରଛାତ୍ରୀ ଏହି ପରିକ୍ଷାରେ ଭାଗନେଇଥାନ୍ତି। ଗତବର୍ଷ କଟକରୁ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପାଖାପାଖି ୧୯,୦୦୦ ଛାତ୍ରଛାତ୍ରୀ ଏଥିରେ ଅଶଂଗ୍ରହଣ କରିଥିଲେ। ଚଳିତ ବର୍ଷ ଏସ୍.ଓ.ଏଫ୍ ପକ୍ଷରୁ ମାତ୍ର ୪ଟି ଅଲମ୍ପିଆଡ୍ ପରିକ୍ଷାର ଆୟୋଜନ କରାଯାଇଛି, ଏସ୍.ଓ.ଏଫ୍ ଆନ୍ତର୍ଜାତିୟ ସାଧାରଣଜ୍ଞାନ ଅଲମ୍ପିଆଡ୍, ଏସ୍.ଓ.ଏଫ୍ ଆନ୍ତର୍ଜାତିୟ ଇଂରାଜୀ ଅଲମ୍ପିଆଡ୍, ଏସ୍.ଓ.ଏଫ୍ ଆନ୍ତର୍ଜାତିୟ ଜାତୀୟ ବିଜ୍ଞାନ ଅଲମ୍ପିଆଡ୍ ଏବଂ ଏସ୍.ଓ.ଏଫ୍ ଆନ୍ତର୍ଜାତିୟ ଗଣିତ ଅଲମ୍ପିଆଡ୍। ଏହି ପରିପେକ୍ଷିରେ ସାଇନ୍ସ ଅଲମ୍ପିଆଡ୍ ଫାଉଁଡେସନ୍‌ର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ଶ୍ରୀଯୁକ୍ତ ମହାବିର୍ ସିଂ କହିଛନ୍ତି, "ଗତବର୍ଷ ଏହି ପରିକ୍ଷା ଅଫ୍‌ଲାଇନ୍ ହୋଇଥିଲା ଏବଂ ଏହି ପ୍ରତିଯୋଗିତାରେ ୩୨ଟି ଦେଶରୁ ପାଖାପାଖି ୫୬,୦୦୦ ବିଦ୍ୟାଳୟର ଲକ୍ଷାଧିକ ଛାତ୍ରଛାତ୍ରୀ ଭାଗନେଇଥଲେ କିନ୍ତୁ ଚଳିତ ବର୍ଷ ଆମେ ସମସ୍ତ ପରିକ୍ଷା ଅନ୍‌ଲାଇନ୍‌କରିବାର ଯୋଜନା କରିଛୁ। ପରିକ୍ଷାକୁ ସଠିକ୍ ଭାବରେ ପରିଚାଳିତ କରିବା ପାଇଁ ଆର୍ଟିଫିସିଆଲ୍ ଇଞ୍ଜିଲିଜେନ୍ସ, ରିମୋଟ୍ ପ୍ରୋକ୍ଟରିଂ, ଭିଡିଓ ରେକର୍ଡିଂ ତଥା ଅନ୍ୟାନ ସୁବିଧା କରାଯାଇଛି।"

# ସାମସଙ୍ଗ ଇଣ୍ଡିଆର ସବୁଠାରୁ ବଡ଼ ପାର୍ବଣ ଅଫର ରିୱାର୍ଡ଼ ଇୟୋରସେଲ୍ଫର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ଅଗ୍ରଣୀ ଇଲେକ୍ଟ୍ରୋନିକ୍ସ ଏବଂ ସ୍ମାର୍ଟଫୋନ୍ ବ୍ରାଣ୍ଡ, ସାମସଙ୍ଗ ପକ୍ଷରୁ ଚଳିତ ପାର୍ବଣକୁ ଆହୁରି ଅଧିକ ଆକର୍ଷଣୀୟ କରିବା ପାଇଁ 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନର ଶୁଭାରମ୍ଭ କରାଯାଇଛି। 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ସହିତ, ଗ୍ରାହକମାନେ ଏଚଡ଼ିଏଫସି କ୍ରେଡ଼ିଟ କାର୍ଡ଼ ଏବଂ ଡ଼େବିଟ କାର୍ଡ଼ ଏବଂ ଏସବିଆଇ କ୍ରେଡ଼ିଟ କାର୍ଡ଼ ଉପରେ ୧୦% କ୍ୟାଶବ୍ୟାକ ପାଇବା ସହିତ ଆକର୍ଷଣୀୟ ବଣ୍ଡଲ ଅଫର ଏବଂ ସାମସଙ୍ଗର ବିସ୍ତୃତ ସ୍ମାର୍ଟଫୋନ୍ ଶୃଙ୍ଖଳ, ଓୟେରେବୁଲସ ଏବଂ ଟାବଲେଟ ଇତ୍ୟାଦି ପାଇବାର ସୁବିଧା ରହିଛି। ଏହି ପରିପ୍ରେକ୍ଷୀରେ ସାମସଙ୍ଗ ଇଣ୍ଡିଆର ମୋବାଇଲ ବିଜନେସର, ବରିଷ୍ଠ ଉପାଧ୍ୟକ୍ଷ, ଶ୍ରୀ ମୋହନଦୀପ୍ ସିଂ କହିଛନ୍ତି ଯେ, "ପାର୍ବଣ ସମୟରେ ଆମର ଗ୍ରାହକ ମାନଙ୍କ ଉତ୍ସାହକୁ ଆହୁରି ବୃଦ୍ଧି କରିବା ପାଇଁ, ଆମ୍ଭେମାନେ ଆମର ଅଫର ଗୁଡ଼ିକରେ କ୍ୟାଶବ୍ୟାକ, ସର୍ବନିମ୍ନ ମାସିକ କିସ୍ତି ଏବଂ ଅନ୍ୟ ଆକର୍ଷଣୀୟ ଯୋଜନାମାନ ନେଇଆସିଛୁ।" ସାମସଙ୍ଗର 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ଅନେକ ଗୁଡ଼ିଏ ସ୍ମାର୍ଟଫୋନ୍, ଟାବଲେଟ ଏବଂ ଓୟାରବୁଲସ ଉପରେ ଉପଲବ୍ଧ ଥିବାବେଳେ, ଏହି ପାର୍ବଣ ସମୟରେ ଗାଲାକ୍ସି ଡ଼ିଭାଇସ କ୍ରୟ କରୁଥିବା ପ୍ରତ୍ୟେକ ଗ୍ରାହକଙ୍କ ପାଇଁ ସୁନିଶ୍ଚିତ ପୁରସ୍କାର ନେଇଆସିଛି। ଏହି ଅଫରରେ ୪୯୯୯ ଟଙ୍କାରୁ ୧୦୪୯୯୯ଟଙ୍କା ମଧ୍ୟରେ ରହିଥିବା କେତେକ ବଛାବଛା ସ୍ମାର୍ଟଫୋନ୍, ଟାବଲେଟ ଏବଂ ଓୟେରେବୁଲସ ଉପରେ ଏଚଡ଼ିଏଫସି ବ୍ୟାଙ୍କ କାର୍ଡ଼ରେ ୧୦% କ୍ୟାଶବ୍ୟାକ ସୁବିଧା ରହିଛି। ଏହି ଅଫର ଅକ୍ଟୋବର ୧୫ ରୁ ଅକ୍ଟୋବର ୨୭, ୨୦୨୦ ପର୍ଯ୍ୟନ୍ତ ବୈଧ। ୪୯୯୯ଟଙ୍କାରୁ ୪୭୯୯୯ଟଙ୍କାର ସମସ୍ତ ଗାଲାକ୍ସି ସ୍ମାର୍ଟଫୋନ୍ ଏବଂ ବଛାବଛା ଟାବଲେଟ ଏବଂ ଓୟେରବୁଲସରେ ଏସବିଆଇ କ୍ରେଡ଼ିଟ କାର୍ଡ଼ରେ ୧୦% କ୍ୟାଶବ୍ୟାକ ଉପଲବ୍ଧ। ଏହି ଅଫର ଅକ୍ଟୋବର ୨୮ ରୁ ନଭେମ୍ବର ୧୭, ୨୦୨୦ ପର୍ଯ୍ୟନ୍ତ ବୈଧ।ଗାଲାକ୍ସି ନୋଟ ୨୦ କ୍ରୟ କରୁଥିବା ଗ୍ରାହକମାନେ ତୁରନ୍ତ ୧୦,୦୦୦ ଟଙ୍କାର କ୍ୟାଶବ୍ୟାକ ପାଇପାରିବେ। ଏହି ଅଫର ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫, ୨୦୨୦ ପର୍ଯ୍ୟନ୍ତ ବୈଧ। ଗାଲାକ୍ସି ଏ ସିରିଜ ଏବଂ ସମସ୍ତ ଫ୍ଲାଗସିପ୍ ଡ଼ିଭାଇସ ଉପରେ ଗ୍ରାହକମାନେ ନୋ କଷ୍ଟ ଇଏମଆଇ ସହିତ ଜିରୋ ଡ଼ାଉନପେମେଂଟ ସୁବିଧା ପାଇପାରିବେ। ଗ୍ରାହକମାନେ ୧୩,୦୦୦ ଟଙ୍କା ପର୍ଯ୍ୟନ୍ତର ଅପଗ୍ରେଡ଼ ବୋନସ ପାଇପାରିବା ସହିତ ଚଳିତବର୍ଷ ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫ ପର୍ଯ୍ୟନ୍ତ ଗାଲାକ୍ସି ନୋଟ୨୦ ଅଲଟ୍ରା କ୍ରୟରେ ୭୦୦୦ ଟଙ୍କା ମୁଲ୍ୟର ସାମସଙ୍ଗ ଭାଉଚର ପାଇପାରିବେ। ଗ୍ରାହକମାନେ ଏହି ଭଳି ଆହୁରି ଅନେକ ଆକର୍ଷଣୀୟ ଅଫରକୁ ଉପଭୋଗ କରିପାରିବେ। ଏହି ପାର୍ବଣ ଅଫରଗୁଡ଼ିକ ଅଗ୍ରଣୀ ରିଟେଲ ଷ୍ଟୋର ଏବଂ ସାମସଙ୍ଗ ଡ଼ଟ କମରେ କ୍ରୟ ଉପରେ ଉପଲବ୍ଧ।

# ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟରେ ନୂଆ ଉଦାହରଣ ସୃଷ୍ଟି କରାଯାଇଛି

ଭୁବନେଶ୍ୱର: ନିର୍ମାଣ ଯନ୍ତାଂଶ, ହେଭି ଯନ୍ତାଂଶ କ୍ଷେତ୍ରରେ ବିଭିନ୍ନ ଉତ୍ପାଦ ଉପଲବ୍ଧ କରାଉଥିବା ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟ ସମୟରେ ଏକ ନୂଆ ଉଦାହରଣ ସୃଷ୍ଟି କରାଯାଇଛି। କମ୍ପାନୀ ପକ୍ଷରୁ ଏହାର ସମସ୍ତ ୩୫ ଡିଲରଙ୍କୁ ସାମ୍ପ୍ରତିକ ଆହ୍ୱାନମୂଳକ ସମୟରେ ବହୁବିଧ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଇଛି। କ୍ରେଡ଼ିଟ୍ ସମୟସୀମାକୁ କମ୍ପାନୀ ପକ୍ଷରୁ ବର୍ଦ୍ଧିତ କରାଯାଇଛି। ଏହି ସୁବିଧା ସମସ୍ତ ନିର୍ମାଣ ଯନ୍ତାଂଶ ଏବଂ ସ୍ପେୟାର ପାର୍ଟସ୍ ପାଇଁ ଉପଲବ୍ଧ ହେଉଛି। ସେହିପରି ଗ୍ରାହକଙ୍କ ୱାରେଟିଂ ସମୟକୁ ମଧ ବଢ଼ାଇ ଦିଆଯାଇଛି। କମ୍ପାନୀରେ କାର୍ଯ୍ୟ କରୁଥିବା ୧୧୦୦ରୁ ଅଧିକ କର୍ମଚାରୀଙ୍କୁ ଦରମା ସହାୟତା ମଧ ଯୋଗାଇ ଦିଆଯାଇଛି। ଭାରତ ଏବଂ ଦକ୍ଷିଣ ଏସିଆରେ ଥିବା ଏହାର ପେ ରୋଲ୍ କର୍ମଚାରୀଙ୍କ ପାଇଁ ଏହି ସୁବିଧା ଲାଗୁ ହୋଇଛି। ଡିଲରଙ୍କୁ ଯୋଗାଇ ଦିଆଯାଇଥିବା ସହାୟତା ଯୋଗୁ ୩ ପ୍ରକାର ଲାଭ ମିଳି ପାରିଛି। ଡିଲରମାନେ ସେମାନଙ୍କର ମାନବସମ୍ବଳର ଉପଯୋଗ କରିପାରିଛନ୍ତି। ସେହିପରି ବ୍ୟବସାୟିକ ଧାରାକୁ ବଜାୟ ରଖିବା ସହିତ ବଜାର ଖୋଲିବା ପରେ ପୁଣି ସୁବିଧାରେ କାରବାର ଆରମ୍ଭ କରିପାରିଛନ୍ତି। ଏହି ଯୋଜନାବଦ୍ଧ ରଣନୀତି ଦ୍ୱାରା କମ୍ପାନୀ ୨୦୧୯ ତୁଳନାରେ ଲକ୍‌ଡାଉନ୍ ହଟିବା ପରେ ଗତ ୨ମାସ ଅଗଷ୍ଟ ଏବଂ ସେପ୍ଟେମ୍ବର ମଧ୍ୟରେ ବ୍ୟବସାୟ ବୃଦ୍ଧିରେ ଅଗ୍ରଗତି କରିପାରିଛି। କମ୍ପାନୀର ଏକ୍ସାଭେଟର ମାର୍କେଟ ଶେୟାର ୧୪.୫ ପ୍ରତିଶତରେ ପହଂଚିଛି। ଏହାର ଅଭିବୃଦ୍ଧି ହାର ୧୫ ପ୍ରତିଶତ ରହିଛି। ସେହିପରି କ୍ରାୱଲ କ୍ରେନ୍‌ର ମାର୍କେଟ ଶେୟାର ୪୫ ପ୍ରତିଶତ ଥିବାବେଳେ ଏହାର ଅଭିବୃଦ୍ଧି ହାର ୮୦ ପ୍ରତିଶତ ରହିଛି। ଟ୍ରକ୍ କେନ୍‌ର ମାର୍କେଟ ଶେୟାର ୭୦ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୧୦ ପ୍ରତିଶତ ଛୁଇଁଛି। ପିଲିଂ ରିଙ୍ଗ୍‌ର ମାର୍କେଟଶେୟାର ୭୫ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୨୪ ପ୍ରତିଶତ

ରହିଛି। ମୋଟୋର ଗ୍ରେଡ୍‌ର ମାର୍କେଟ ଶେୟାର ୧୧ ପ୍ରତିଶତ ଥିବାବେଳେ ଏହା ଅଭିବୃଦ୍ଧି ହାର ୧୦ ପ୍ରତିଶତ ରହିଛି। ସାନୀ ଇଣ୍ଡିଆ ଡିଲରମାନଙ୍କୁ ସବୁବେଳେ ଏହାର କାରବାର ବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଭାବେ ବିବେଚନା କରିଥାଏ। କମ୍ପାନୀର ପଦକ୍ଷେପ ଯୋଗୁ ଡିଲରମାନଙ୍କୁ ଆବଶ୍ୟକ ଆର୍ଥିକ ସହାୟତା ମିଳିପାରିଛି। ଏହି ଅବସରରେ ସାନୀ ଗ୍ରୁପ୍‌ର ଭାରତ ତଥା ଦକ୍ଷିଣ ଏସିଆ ମୁଖ୍ୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦୀପକ ଗର୍ଗ କହିଲେ, " ଆମେ ଆର୍ଥିକ ସହାୟତାକୁ ଉପଯୁକ୍ତ ମାର୍ଗରେ ପରିଚାଳିତ କରିପାରିଛୁ। ଏହାଦ୍ୱାରା ଡିଲରମାନେ ବିଶେଷ ଉପକୃତ ହୋଇପାରିଛନ୍ତି। ମହାମାରୀ ସଙ୍କଟ ସମୟରେ ସହାୟତା ଯୋଗୁ ଡିଲରମାନେ ସେମାନଙ୍କ କାରବାରକୁ ବନ୍ଦ ନ କରି ଜାରି ରଖିପାରିଛନ୍ତି। କୋଭିଡ୍ ସଙ୍କଟ ଆମମାନଙ୍କୁ

ଅସୁବିଧା ସମୟରେ କିଭଳି ସହାୟତା ଦ୍ୱାରା କାରବାର ବୃଦ୍ଧି କରାଯାଇ ପାରିବ ତାହାର ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଦେଇଛି। ମହାମାରୀ ସଙ୍କଟ ସମୟରେ ପୃଥିବୀର ବହୁ କମ୍ପାନୀ ସେମାନଙ୍କର କର୍ମଚାରୀଙ୍କୁ ଛଟେଇ କରିବା ଆରମ୍ଭ କରିଥିଲେ। ଏପରିସ୍ଥଳେ ସାନୀ ଇଣ୍ଡିଆ ପଦୋନ୍ନତି ଏବଂ ଦରମା ବୃଦ୍ଧି କରିଥିଲା। କମ୍ପାନୀର ଏଭଳି ଦୂର ଦୃଷ୍ଟି ସମ୍ପନ୍ନ ଆର୍ଥିକ ନୀତିର ସକାରାତ୍ମକ ପ୍ରଭାବ ଏହାର ଆର୍ ଆଣ୍ଡ ଡି ଉପରେ ଅନୁଭୁତ ହୋଇଛି। ଲକ୍‌ଡାଉନ୍ ସମୟରେ ଗ୍ରାହକ ଏବଂ ଫାଇନାନ୍ସର,ମଲ୍ଟିପୁଲ ଟ୍ରେନିଂ ଏବଂ ଡେଭଲପମେଂଟ୍ କାର୍ଯ୍ୟ ଆଦି ସମ୍ପନ୍ନ ହୋଇପାରିଛି।

# ନିଶାନ୍ ଇଣ୍ଡିଆ ପକ୍ଷରୁ ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍ ବି-ଏସ୍‌ୟୁଭି ଉନ୍ମୋଚିତ

ଭୁବନେଶ୍ୱର: 'ମେକ୍ ଇନ୍ ଇଣ୍ଡିଆ, ମେକ୍ ଫର୍ ୱାର୍ଲ୍ଡ' ଦର୍ଶନ ଉପରେ ନିର୍ମିତ ନିଶାନ ଇଣ୍ଡିଆ ଏହାର ବହୁ ପ୍ରତିକ୍ଷୀତ ବି-ଏସ୍‌ୟୁଭି ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍‌କୁ ଉନ୍ମୋଚନ କରିଛି। ନିଶାନ୍-ନେସ୍ କନ୍‌ସେପ୍ଟର ଏକ ବାସ୍ତବ ପ୍ରତିଫଳନ ନୂଆ ନିଶାନ୍ ମାଗ୍ନାଇଟ୍‌କୁ ଏକ ଭର୍ଚୁଆଲ ଇଭେଂଟ୍ ଜରିଆରେ ସମଗ୍ର ବିଶ୍ୱର ଦର୍ଶକଙ୍କ ପାଇଁ ଉନ୍ମୋଚିତ କରାଯାଇଥିଲା। ଏସମ୍ପର୍କରେ ନିଶାନ ମୋଟର ଇଣ୍ଡିଆର ଅଧ୍ୟକ୍ଷ, ସିନାନ୍ ଓଜ୍‌କୋକ୍ କହିଛନ୍ତିଯେ, "ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍ ଆମର ନିଶାନ୍ ନେକ୍ସଟ୍ ରଣନୀତି କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛି ଏବଂ ଏକ ଗ୍ରାହକ କୈନ୍ଦ୍ରିକ ସଂସ୍ଥା ଭାବେ ଭାରତୀୟ ବଜାର ପାଇଁ ନିଶାନ୍‌ର ଅବିସ୍ମରଣୀୟ ପ୍ରତିଶ୍ରୁତିର ପ୍ରତିନିଧିତ୍ୱ କରୁଛି। ଏହି କାର୍ ସମୃଦ୍ଧ ଅଭିଜ୍ଞତା ପାଇଁ ଆକର୍ଷଣୀୟ ଉତ୍ପାଦ ଡେଲିଭର କରିବା ଲାଗି ଆମେ କରୁଥିବା ସବୁକିଛିର କେନ୍ଦ୍ରରେ ଗ୍ରାହକଙ୍କୁ ରଖିବା ନେଇ ଆମର ବ୍ରାଣ୍ଡ ଫିଲୋସୋଫିକୁ ଦୋହରାଉଛି।" ଅଲ୍-ନ୍ୟୁ ନିଶାନ ମାଗ୍ନାଇଟ୍ ହେଉଛି ନିରନ୍ତର ଉଦ୍ଭାବନ, ଅତ୍ୟାଧୁନିକ ଟେକ୍ନୋଲୋଜି ଓ ଜାପାନିଜ୍ ଇଞ୍ଜିନିୟରିଙ୍ଗ୍‌ର ନିଶାନର ଗ୍ଲୋବାଲ ଏସ୍‌ୟୁଭି ଡିଏନ୍‌ଏର ଏକ ପ୍ରମାଣ। ଏଥିରେ ନିଶାନ୍ ଇଂଟେଲିଜେଂଟ୍ ମୋବିଲିଟି (ଏନ୍‌ଆଇଏମ୍) ର ଅଂଶ ଭାବେ ନୂତନ ଟେକ୍ନୋଲୋଜି ଏବଂ ଯାନଗୁଡ଼ିକୁ କିଭଳି ସମାଜ ସହ ପାରିଚାଳିତ, ଡ୍ରାଇଭେନ୍ ଓ ଇଂଟିଗ୍ରେଟେଡ୍ କରାଯିବ ତାହାକୁ ନେଇ କମ୍ପାନୀର ଆଭିମୁଖ୍ୟ ସାମିଲ ରହିଛି। ଜାପାନରେ ଡିଜାଇନ୍ ହୋଇଥିବା ଓ ଭାରତୀୟ ଗ୍ରାହକଙ୍କ ଆବଶ୍ୟକତା ଓ ଆକାଂକ୍ଷାକୁ ଦୃଷ୍ଟିରେ ରଖି ନିର୍ମିତ ଅଲ୍ ନ୍ୟୁ ନିଶାନ ମାଗ୍ନାଇଟ୍‌ରେ ଏକାଓ୍ୱକ ଫାର୍ଷ୍ଟ-ଇନ୍-କ୍ଲାସ୍ ଓ ବେଷ୍ଟ-ଇନ୍-ସେଗମେଂଟ୍ ଫିଚର ରହିଛି। ଏହାର ଫାର୍ଷ୍ଟ-ଇନ୍-କ୍ଲାସ୍ ଫ୍ଲେୟାର ଗାର୍ନେଟ୍ ରେଡ୍ (ଟିଂଟ୍ କୋଟ୍) କଲର୍ ଗଭୀରତା ଓ ଉନ୍ନତ ଗୁଣବତା ସହ ପ୍ରିମିୟମନେସ୍‌କୁ ପ୍ରତିଫଳନ କରୁଛି। ଏହା ୯ଟି ବଡି କଲର୍‌ଏ ୫ଟି ମୋନୋଟୋନ୍ ଓ ୪ଟି ଡୁଆଲ ଟୋନ୍ କଲର୍‌ରେ ଉପଲବ୍ଧ ହେଉଛି। ଏହି କାର୍‌ରେ ସବୁଠାରୁ ପତଳା ହେଡ୍‌ଲ୍ୟାମ୍ପ, ହାଲୁକା ସେପର-ଷ୍ଟାଇଲ୍ ଟର୍ଣ୍ଣ ଇଣ୍ଡିକେଟର, ଏଲ୍- ସେପ୍ ଏଲ୍‌ଇଡି ଡେଟାଇମ୍ ରନିଙ୍ଗ ଲାଇଟ୍‌ସ (ଡିଆର୍‌ଏଲ୍) ଓ ଡୋମିନେଟିଙ୍ଗ୍ ଫ୍ରଂଟ୍ ଗ୍ରିଲ୍ ରହିଛି। ଏଥିରେ ବ୍ୟାପକ ଶୃଙ୍ଖଳାର ଆକ୍‌ସେସରିଜ୍, ଏକ ୱାୟାରଲେସ୍ ଚାର୍ଜର୍, ଏୟାର ପ୍ୟୁରିଫାୟାର, ପଡଲ୍ ଲ୍ୟାମ୍ପ ଓ ଆମ୍ବିଏଂଟ୍ ମୁଡ୍ ଲାଇଟିଙ୍ଗ ଥିବା ଟେକ୍ ପାକ୍ ରହିଛି। ଏହାର ହରାଇଜୋଂଟାଲ ଇନ୍‌ଷ୍ଟ୍ରୁମେଂଟ୍ ପ୍ୟାନେଲ ଷ୍ଟ୍ରକ୍‌ଚର ଡବଲ ଡେକ୍ କନ୍‌ସୋଲ ଏହି କାର୍‌କୁ ଅଧିକ ଚଉଡା କରୁଛି।

# ଇଣ୍ଡିଆନ ଟେରେନ୍ ଏକ ଫେୟାରଟ୍ରେଡ କ୍ୟାପ୍‌ସୁଲ ସହିତ ହାଇ ଷ୍ଟ୍ରିଟ ଫେସନ୍‌ରେ ନିରନ୍ତରତାର ଅଗ୍ରଣୀ ସାଜିଛି

ଭୁବନେଶ୍ୱର : ବିଗତ ବର୍ଷଗୁଡ଼ିକରେ ନିରନ୍ତର ଏବଂ ଦାୟିତ୍ୱ ସଂପନ୍ନ ଗ୍ରାହକମାନେ ବ୍ରାଣ୍ଡଗୁଡ଼ିକୁ ସେମାନଙ୍କ ଯୋଗାଣ ଶୃଙ୍ଖଳାରେ ସ୍ୱଚ୍ଛତା ଓ ନିରନ୍ତରତା ପ୍ରଦର୍ଶନ କରିବା ଲାଗି ଉତ୍ସାହିତ କରୁଛନ୍ତି। ଗ୍ରାହକମାନଙ୍କୁ ଶ୍ରେଷ୍ଠ ଗୁଣାତ୍ମକ ମାନର ଉତ୍ପାଦ ଯୋଗାଇବା ନେଇ ୨୦ ବର୍ଷର ପ୍ରତିବଦ୍ଧତାକୁ ଦୋହରାଇ ଓ ଏକ ସୁଦୃଢ଼ ଜାତୀୟ ବ୍ରାଣ୍ଡ ସୃଷ୍ଟି କରିବା ଲାଗି ଦେଶର ଆହ୍ୱାନ ଅନୁସାରେ ଭାରତର ଅଗ୍ରଣୀ ପୁରୁଷ ପରିଧାନ ଓ ଶିଶୁ ପରିଧାନ ବ୍ରାଣ୍ଡ ଇଣ୍ଡିଆନ ଟିରେନ୍ ପକ୍ଷରୁ ପରିବେଶର ସୁରକ୍ଷା ଓ ଗୁଜରାଟର ଫେୟାରଟ୍ରେଡ ଋଷୀଙ୍କୁ ସଶକ୍ତ କରିବା ଲାଗି ଏକ ସ୍ୱତନ୍ତ୍ର ନିରନ୍ତର ଫେସନ ପୋଷାକ ବର୍ଗ (ସଷ୍ଟେନେବଲ ଫେସନ୍ ଲାଇନ) ସୃଷ୍ଟି କରିବା ପାଇଁ ଫେୟାରଟ୍ରେଡ ଇଣ୍ଡିଆ ସହ ହାତ ମିଳାଯାଇଛି। ଫେସନ୍‌ର ସାମାଜିକ ଓ ପରିବେଶ ଉପସ୍ଥିତି ବୃଦ୍ଧି ପାଉଥିବାରୁ ପରିବର୍ତନକୁ ଆଗକୁ ବଢ଼ାଇବା ବ୍ରାଣ୍ଡ ଲାଗି ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ନିରନ୍ତର ଫେସନ୍‌କୁ ମୁଖ୍ୟସ୍ରୋତରେ ପରିଣତ କରିବା ଲାଗି ଇଣ୍ଡିଆନ ଟେରେନ୍ ଏହାର ଭୂମିକାକୁ ସ୍ୱୀକୃତି ଦେଇଛି। ଏହି ଦିଗରେ ପଦକ୍ଷେପ ସ୍ୱରୂପ ଏକ ଫାୟାରଟ୍ରେଡ କ୍ୟାପସୁଲ ଉନ୍ମୋଚନ କରିବା ଲାଗି ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡ ହେବାକୁ କଂପାନି ପ୍ରତିବଦ୍ଧ। ଇଣ୍ଡିଆନ ଟେରେନ୍‌ର ଫେୟାରଟ୍ରେଡ ଲେବଲ ଥିବା ସମ୍ଭାର/ କ୍ୟାପସୁଲର ଅର୍ଥ ହେଉଛି ସମ୍ଭାର/କ୍ୟାପସୁଲ ତିଆରି କରିଥିବା କ୍ଷେତ ଓ କାରଖାନାଗୁଡ଼ିକରେ ସାମାଜିକ ଓ ପରିବେଶ ନିରନ୍ତରତା ମାନକକୁ ପାଳନ କରାଯାଇଛି। ଏହାର ଅର୍ଥ ହେଉଛି-ଋଷୀମାନେ ଉତ୍ପାଦିତ ସାମଗ୍ରୀ ପାଇଁ ଉଚିତ ମୂଲ୍ୟ ପାଇଛନ୍ତି, କେଣସି ହାନିକାରକ କିଟନାଶକ ବ୍ୟବହାର କରାଯାଇନାହିଁ, ଶିଶୁ ଶ୍ରମିକ ନିଷିଦ୍ଧ କରାଯାଇଛି ଏବଂ ଏହି ପୋଷାକଗୁଡ଼ିକ ତିଆରି ବେଳେ ପରିବେଶକୁ ସୁରକ୍ଷା ଦିଆଯାଇଛି। ଏହି ସହଯୋଗିତା ସଂପର୍କରେ ଶ୍ରୀଯୁକ୍ତ ଚରଥ ନରସିମହନ୍, ପରିଚାଳନା ନିର୍ଦ୍ଦେଶକ, ଇଣ୍ଡିଆନ ଟେରେନ୍ ଫେସନସ୍ ଲିମିଟେଡ କହିଛନ୍ତି ଯେ, ଫକ୍ତଙ୍କକ୍ଷ୍ପ;ଯେଉଁ ଫେସନ୍‌ର ଦୁନିଆକୁ ଆମେ ଜାଣିଥିଲୁ ତାହା ଉଦୀୟମାନ ହୋଇଛି ଏବଂ ବର୍ତମାନ ତାହା ଅଧିକ ପରିବେଶ ସଚେତନ ହୋଇପଡ଼ିଛି। ଏକ ଅଧିକ ନିରନ୍ତର ଜୀବନଯାପନ ଶୈଳୀକୁ ଗ୍ରହଣ କରିବା ବିଷୟରେ ଗ୍ରାହକମାନଙ୍କ ମଧ୍ୟରେ ଆଲୋଚନା ବଢ଼ିଛି। ଫେୟାରଟ୍ରେଡ ସହିତ ଆମର ସହଯୋଗିତା ଜରିଆରେ ବିଶ୍ୱାସ,

ନିରନ୍ତରତା ଏବଂ ଗୁଣାତ୍ମକ ମାନକୁ ନେଇ ବୃଦ୍ଧି ପାଉଥିବା ଆବଶ୍ୟକତାକୁ ପୂରଣ କରିବା ପାଇଁ ନିରନ୍ତରତା ଦିଗରେ ଏହା ହେଉଛି ଅନ୍ୟତମ ପଦକ୍ଷେପ, ତେଣୁ ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡରେ ପରିଣତ ହୋଇଛୁ ଯାହା ଗୁଜରାଟର ସୁରେନ୍ଦ୍ରନଗର ଜିଲ୍ଲାରୁ ଋଷୀଙ୍କ ଠାରୁ ଫେୟାରଟ୍ରେଡ କଟନ୍ ସଂଗ୍ରହ କରି ସ୍ୱତନ୍ତ୍ର ଉତ୍ପାଦ ବର୍ଗ ତିଆରି କରୁଛି। ସେ ଆହୁରି କହିଛନ୍ତି ଯେ, ଆଗକୁ ଫେୟାରଟ୍ରେଡ କଟନ୍, ରିସାଇକଲଡ କଟନ୍, ରିସାଇକଲଡ ପଲିଷ୍ଟର ଏବଂ ଅର୍ଗାନିକ ଓ ପ୍ରାକୃତିକ ଫାଇବର ଯଥା ବାଉଁଶ, ହେମ୍ପ ଯାହାକୁ ଆସନ୍ତା ତିନି ବର୍ଷ ଭିତରେ ସଚେତନ ଭାବେ ଏବଂ ନିରନ୍ତରତାର ସହ ସଂଗ୍ରହ କରାଯାଇଥିବ ତାହାକୁ ବ୍ୟବହାର କରି ସମଗ୍ର ପୋର୍ଟଫୋଲିଓର ୫୦ ପ୍ରତିଶତରୁ ଅଧିକ ଉତ୍ପାଦ ଉତ୍ପାଦନ କରିବାକୁ ଆମେ ଋହୁଁଛୁ। ଆମେ ସାର୍ଟିଫାଏଡ ଯୋଗାଣକାରୀଙ୍କ ସହ କାର୍ଯ୍ୟ କରିବୁ ଏବଂ ବ୍ୟବହାର ହେଉଥିବା କଂଋମାଲ କେଉଁଠାରେ ମିଳୁଛି ତାହା ଗୁରୁତ୍ୱାରୋପ କରି ଆମର ଲକ୍ଷ୍ୟ ସହିତ ଯୋଗାଣ ଶୃଙ୍ଖଳ ସହଯୋଗୀମାନଙ୍କୁ ଜଡ଼ିତ କରିବା ନିଶ୍ଚିତ କରିବୁ। ଜୈବ ବିଘଟିତ ପ୍ୟାକେଜିଂ ଏବଂ ଉତ୍ପାଦ ବଂଟନ ଜରିଆରେ ଅନ୍ୟାନ୍ୟ ପ୍ରକ୍ରିୟା ପର୍ଯ୍ୟନ୍ତ ମଧ ଆମେ ନିରନ୍ତରତାକୁ ସଂପ୍ରସାରିତ କରିବୁ। ଫେୟାରଟ୍ରେଡ ଇଣ୍ଡିଆ ସହଯୋଗିତାରେ ଇଣ୍ଡିଆନ ଟେରେନ୍‌ର ନୂଆ ସମ୍ଭାର ସବୁଠୁ ଫେସନେବଲ ପୋଷାକ ସହିତ ଦାୟିତ୍ୱବାନ ଷ୍ଟାଇଲର ଭାବ ପ୍ରଦାନ କରୁଛି। ସ୍ୱତନ୍ତ୍ର ଗ୍ରାଫିକ ପ୍ରିଂଟର ବିବିଧତା, ସଲିଡ ଓ ପାଷ୍ଟେଲ ରଙ୍ଗ ମିଶ୍ରଣର ବର୍ଗ ସହିତ ଇଣ୍ଡିଆନ ଟେରେନ୍ ପୋଷାକର ଆରାମ ଏହି ପୋଷାକକୁ ନିଶ୍ଚିତ ଦରକାରରେ ପରିଣତ କରିଛି। ଏହି କ୍ୟାପସୁଲ ସମ୍ଭାର ବର୍ତମାନ ପ୍ରଦାନ କରୁଛି ଟି;ର ସମ୍ଭାର ଯେଉଁଥିରେ ପୁରୁଷ ଓ ବାଳକଙ୍କ ପାଇଁ କ୍ରୁ ନେକ୍ ଟି-ସାର୍ଟ ରହିଛି ଏବଂ ଟି-ସାର୍ଟ ବ୍ୟତୀତ ସାର୍ଟ ଏବଂ ଟ୍ରାଉଜର ଆଦକି ନେଇ ଏକ ବୃହତ ସମ୍ଭାର ପର୍ଯ୍ୟନ୍ତ ଏହାକୁ ଆହୁରି ସଂପ୍ରସାରିତ କରାଯିବ। ପୁନଶ୍ଚ, ଗ୍ରାହକମାନେ ଇଣ୍ଡିଆନ ଟେରେନ୍ ଫେୟାରଟ୍ରେଡ ସମ୍ଭାରରୁ ଯେତେ ଅଧିକ ଉତ୍ପାଦ କିଣିବେ ଋଷୀ ସଂଗଠନଗୁଡ଼ିକ ସେତେ ଅଧିକ ପରିମାଣର ଫେୟାରଟ୍ରେଡ ପ୍ରିମିୟମ ପାଇପାରିବେ। ନିରନ୍ତରତା ଆପଣଙ୍କୁ ଭଲ ଅନୁଭୂତି ପ୍ରଦାନ କରିବ। ଅଭିଶେଷ ଜାନି, ସିଇଓ, ଫେୟାରଟ୍ରେଡ ଇଣ୍ଡିଆ କହିଛନ୍ତି ଯେ, ବିଶ୍ୱ ଫେସନ୍ ଶିଳ୍ପ କୋଭିଡ-୧୯ର ପ୍ରଭାବ ଦେଇ ଗତି କରୁଥିବା ବେଳେ ନିରନ୍ତରତାର ପ୍ରସାର ପାଇଁ ଇଣ୍ଡିଆନ ଟେରେନ୍ ବଳିଷ୍ଠ ପଦକ୍ଷେପ ଗ୍ରହଣ କରିଛି। ସେମାନଙ୍କ ଫେୟାରଟ୍ରେଡ ସମ୍ଭାର ଉନ୍ମୋଚନ ସହିତ ଇଣ୍ଡିଆନ ଟେରେନ୍ କେବଳ ଏହି ଗ୍ରହ ଓ ଯୋଗାଣ ଶୃଙ୍ଖଳର ସମ୍ବେଦନଶୀଳ ଗୋଷ୍ଠୀ ପ୍ରତି ଗଭୀର ପ୍ରତିବଦ୍ଧତା ପ୍ରଦର୍ଶନ କରିନାହିଁ ବରଂ ଭାରତୀୟ କପା ଋଷିଙ୍କୁ ସେମାନଙ୍କ ଉତ୍ପାଦ ପାଇଁ ଏକ ବଜାର ପ୍ରଦାନ କରିବା ସହ ସେମାନଙ୍କୁ ଉଚିତ ମୂଲ୍ୟ ପ୍ରଦାନ ପାଇଁ ପ୍ରତିବଦ୍ଧତାକୁ ଦୋହରାଇଛି। ଫେସନ୍ ଶିଳ୍ପରେ ପରିଋଳିତ ହେଉଥିବା ବ୍ରାଣ୍ଡ ଓ ବ୍ୟବସାୟଗୁଡ଼ିକୁ ପ୍ରଦୂଷଣ ଓ ଶୋଷଣ ଚକ୍ରରେ ସେମାନଙ୍କ ଭୂମିକାଙ୍କୁ ମାନ୍ୟତା ଦେବାକୁ ପଡ଼ିବ କିମ୍ବା ସକାରାତ୍ମକ ପରିବର୍ତନ ଓ ସାମାଜିକ ସଶକ୍ତୀକରଣର ବାର୍ତାବହ ହେବାକୁ ପଡ଼ିବ। ଇଣ୍ଡିଆନ ଟେରେନ୍ ଭଳି ଏକ ବଡ଼ ବ୍ରାଣ୍ଡ ପକ୍ଷରୁ ଶ୍ରେଷ୍ଠ ନିରନ୍ତରତାର ପ୍ରତିବଦ୍ଧତା ଋଷୀ ଗୋଷ୍ଠୀରେ ଭବିଷ୍ୟତ ବିକାଶ ପ୍ରକଳ୍ପ ଲାଗି ପଥ ପ୍ରଦର୍ଶକ ହେବ ଏବଂ ଏକ ଆଶାର କୀରଣ ଜାଗ୍ରତ କରିବ ଯେ ପରିବେଶ ଓ ସାମାଜିକ ଦାୟିତ୍ୱବାନ ଫେସନ୍ ପ୍ରତି ଗଭୀର ପ୍ରତିବଦ୍ଧତା ପ୍ରଦର୍ଶନ କରି ଏହି ମହାମାରୀରୁ ବାହରିବା ଲାଗି ଫେସନ୍ ଶିଳ୍ପ ନିଷ୍ପତି ନେଇପାରିବ।

# କୋଟାକ ମ୍ୟୁଚୁଆଲ ଫଣ୍ଡ୍ ଶୁଭାରମ୍ଭ କଲା ଡିଜିଟାଲ ପ୍ରଚାର ଅଭିଯାନ

ମୁମ୍ବଇ : "ଲକ୍‌ଡାଉନ ପରବର୍ତ୍ତୀ ସମୟରେ ଆପଣ କ'ଣ କରିବେ?" ଉପଭୋକ୍ତାଙ୍କର ଏହି ମାନସିକତା ପ୍ରତି ଦୃଷ୍ଟିଦେଇ କୋଟାକ ମହିନ୍ଦ୍ରା ଆସେଟ୍ ମ୍ୟାନେଜମେଫକ୍ଷ୍ପ; କମ୍ପାନୀ (କୋଟାକ ମ୍ୟୁଚୁଆଲ ଫଣ୍ଡ)

ତାହାର ଡିଜିଟାଲ ପ୍ରଚାରର ଅଭିଯାନ 'ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା'(ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି- ଯାହାର ଅର୍ଥ ସ୍ୱପ୍ନରେ କଦାପି ଲକ୍‌ଡାଉନ ହୋଇପାରିବ ନାହିଁ। କୋଟାକ ମହିନ୍ଦ୍ରାର 'ଲେଟ୍‌ସ ପ୍ଲାନ' ଶିକ୍ଷାଭିତ୍ତିକ ଅନ୍‌ଲାଇନ ପ୍ଲାଟଫର୍ମ ଜରିଆରେ ପ୍ରଚଳନ କରାଯାଇଥିବା ଏହି ପ୍ରଚାର ଅଭିଯାନଦ ସ୍ୱପ୍ନକୁ ସାକାର କରିବା ପାଇଁ ନିୟମିତ ସଞ୍ଚୟ ଏବଂ ନିବେଶ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରୁଛି। ବିଷୟବସ୍ତୁ ଏବଂ ଏକ ସହଜରେ ବୁଝିହେଉଥିବା ହିସାବ ସହାୟତାରେ ଏହି ଅଭିଯାନ ଉପଭୋକ୍ତାଙ୍କୁ ଅନ୍ତରୀଣ ଜଟିଳ ସମୟରେ ଉପଯୁକ୍ତ ମାର୍ଗରେ ଅଗ୍ରସର ହେବା ଏବଂ ସେମାନଙ୍କର ଆର୍ଥିକ ଯାତ୍ରାରେ ସଠିକ ପଥରେ ପରିଚାଳିତ ହୋଇ ସେମାନେ ହାସଲ କରିବାକୁ ଚାହୁଁଥିବା ଆର୍ଥିକ ଲକ୍ଷ୍ୟ ହାସଲରେ ସହାୟତା କରୁଛି। ଚାକିରୀ ଅଥବା ଜୀବିକା ଉପାର୍ଜନ ଉତ୍ସ ହରାଇବା ପରେ, ସାମ୍ପ୍ରତିକ ଦୃଶ୍ୟପଟ୍ଟରେ ଏସଆଇପିକୁ ବନ୍ଦ ରଖିବା ଅଥବା ଜାରି ରଖିବା, ସୀମିତ ବେତନ ମଧ୍ୟରେ କିଭଳି ଖର୍ଚ୍ଚ ଓ ପୁଞ୍ଜିନିବେଶକୁ ପରିଚାଳନା କରିବା ଆଦିକୁ ନେଇ ଜୀବନ ସହିତ କିଭଳି ଆଗକୁ ବଢିବାକୁ ହେବ ସେ ସମ୍ପର୍କିତ ଅନେକ ପ୍ରାସଙ୍ଗିକ ପ୍ରଶ୍ନର ଉତ୍ତର ଏହାର ବିଷୟବସ୍ତୁରେ ରହିଛି। ବିବିଧ ଡିଜିଟାଲ ମାଧ୍ୟମରେ ପ୍ରସାରିତ ହେବାକୁ ଥିବା ଏହି ପ୍ରଚାର ଅଭିଯାନର ଭିଡିଓରେ ଜୀବନର ବିଭିନ୍ନ କ୍ଷେତ୍ରରୁ ଉପଭୋକ୍ତାଙ୍କର ଆଶା ଆକାଙ୍କ୍ଷା ପ୍ରଦର୍ଶିତ ହୋଇଛି ଏବଂ 'ଲେଟ୍‌ସ ପ୍ଲାନ୍' କିଭଳି ଜନସାଧାରଣଙ୍କ ସ୍ୱପ୍ନକୁ ସୋପାନ ପରେ ସୋପାନ ସାକାର କରିବାରେ ସହାୟକ ହେଉଛି, ତାହା ବର୍ଣ୍ଣନା କରିଛି କୋଟାକ ମହିନ୍ଦ୍ରା ଆସେଟ ମ୍ୟାନେଜମେଉ୍ୟ' କମ୍ପାନୀ ଲିମିଟେଡର ଡିଜିଟାଲ ବିଜନେଓ ମାର୍କେଟିଂ ମୁଖ୍ୟ କିଞ୍ଜଲ ଶାହ କହିଛନ୍ତି, "ଆମର ପୁରସ୍କାରପ୍ରାପ୍ତ ପ୍ରଚାର ଅଭିଯାନ 'ଟକ୍ ଟୁ ମିଷ୍ଟର ଏସଆଇପି' ପରେ 'ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା' ଉପଭୋକ୍ତାଙ୍କୁ ନୂତନ ସ୍ୱାଭାବିକ ପରିସ୍ଥିତିରେ ସେମାନଙ୍କର ଭବିଷ୍ୟତ ସମ୍ପର୍କରେ ଯୋଜନା କରିବା ଦିଗରେ ସହାୟତା କରିବାକୁ ଏକ ଅନନ୍ୟ ଶିକ୍ଷାଭିତ୍ତିକ ନିବେଶକ ପ୍ରୟାସ

ହୋଇଛି। ଏହି ପ୍ରଚାର ଅଭିଯାନର ମୂଳ ତତ୍ତ୍ୱ ହେଉଛି- ବିଶ୍ୱସ୍ତରରେ ଜୀବନ ଜୀବିକାକୁ ଧୂଳିସାତ୍ କରିଦେଇଥିବା ଭୟାନକ କରୋନାଭୂତାଣୁ ମହାମାରୀ କୋଭିଡ-୧୯ କଦାପି ଆର୍ଥିକ ଯୋଜନା ପ୍ରସ୍ତୁତି ପ୍ରକ୍ରିୟାରେ ସ୍ଥାଣୁତା ନଆଣୁ। 'ଲେ୍‌ଟସ ପ୍ଲାନ୍' ସହିତ ଉପଭୋକ୍ତାଙ୍କୁ ଏସଆଇପିର ପ୍ରମାଣିତ ଶକ୍ତି ବଳରେ ସେମାନଙ୍କ ଭବିଷ୍ୟତ ଯୋଜନା ପାଇଁ ଆବଶ୍ୟକ କରୁଥିବା ସାଧନ ଓ ସୂଚନା ପ୍ରଦାନକରି ସେମାନଙ୍କୁ ସଶକ୍ତ କରୁଛି।" ଏହି ପ୍ରଚାର ଅଭିଯାନ ଡିଜିଟାଲ ମାର୍କେଟିଂ ସଂସ୍ଥା ହାଇପର୍ କନେକ୍ଟ ଦ୍ୱାରା ପ୍ରସ୍ତୁତ କରାଯାଇଛି। ହାଇପର୍ କନେକ୍ଟର ସହ ପ୍ରତିଷ୍ଠାତା ତଥା କ୍ରିଏଟିଭ ମୁଖ୍ୟ କିରଣ ଖାଡ୍‌କେ କହିଛନ୍ତି, 'ସ୍ୱପ୍ନ ସଂପୂର୍ଣ୍ଣ ମାଗଣା, ତାହା ଜଣକୁ କେବଳ ସମ୍ଭାବନା ରହିଥିବାର ବିଶ୍ୱାସ ପ୍ରଦାନ କରେ। ଆମେ ଏହି ମୌଳିକ ତତ୍ତ୍ୱକୁ ବାଛିଲୁ ଏବଂ ତାହାକୁ ଏସଆଇପିର ମୂଳ ବିଷୟ ସହିତ ସଂଯୁକ୍ତ କଲୁ, ଏବଂ ତାହାପରେ ଏହି ପ୍ରଚାର ଅଭିଯାନ ସୃଷ୍ଟିହେଲା। ଭିଡିଓରେ ଏହି ବର୍ଣ୍ଣନାକୁ ପ୍ରତିପାଦନ କରାଯାଇଛି ଏବଂ ଏହାର ବିଷୟବସ୍ତୁ ନୂତନ ତଥା ପୂର୍ବରୁ ରହିଥିବା ନିବେଶକଙ୍କୁ ସହଜ ହିସାବ ଜରିଆରେ ସେମାନଙ୍କ ସ୍ୱପ୍ନକୁ ନେଇ ଅତ୍ୟନ୍ତ ସୂକ୍ଷ୍ମ ଭାବରେ ଯୋଜନା ପ୍ରସ୍ତୁତ କରିବାରେ ସହାୟତା କରୁଛି।"

# ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ଉପଯୋଗ କଲା ଇଣ୍ଡିଆ ପାୱାର

ଭୁବନେଶ୍ୱର: ଏକ ଅଗ୍ରଣୀ ଶକ୍ତି ୟୁଟିଲିଟି ଇଣ୍ଡିଆ ପାୱାର କର୍ପୋରେସନ ଲିମିଟେଡ (ଇଣ୍ଡିଆ ପାୱାର) ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ସୁଲଭ ମୂଲ୍ୟରେ ଉପଯୋଗ କରିବାରେ ଧ୍ୱଜାଧାରୀ ଭାବେ ଉଭା ହୋଇଛି। ୧୯୧୯ରୁ ଉପଭୋକ୍ତାଙ୍କୁ ବିଦ୍ୟୁତ ଯୋଗାଇ ଆସୁଥିବା ରାଷ୍ଟ୍ରାୟଉ ଦିଶେରଗଡ ପାୱାର ସପ୍ଲାଇ କମ୍ପାନୀ (ଡିପିଏସ୍‌ସି)କୁ ଅଧିଗ୍ରହଣ କରିବା ଦ୍ୱାରା କମ୍ପାନୀ ତାହାର ସେବା ଯୋଗାଣରେ ସରକାରୀ ଏବଂ ଘରୋଇ କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିଛି। ଏହି ଅଧିଗ୍ରହଣ ଏକ ଆଧୁନିକ ୟୁଟିଲିଟି ସୃଷ୍ଟି କରିଛି ଯାହା ଗ୍ରାହକଙ୍କୁ ସେମାନେ ଦେଉଥିବା ମୂଲ୍ୟର ଉପଯୁକ୍ତ ସେବା ଦେବା ବ୍ୟବସ୍ଥାରେ ଉନ୍ନତି ଆଣିବା ନିମନ୍ତେ ଅଗ୍ରଣୀ ପ୍ରଯୁକ୍ତିକୁ ବ୍ୟବହାର କରୁଛି ଏବଂ ସମାଜ ପ୍ରତି ନିଜର ଦୃଢ ପ୍ରତିଶ୍ରୁତିବଦ୍ଧତା ରଖୁଛି। ଇଣ୍ଡିଆ ପାୱାର ଡିପିଏସ୍‌ସିର ଠିକାରେ ଥିବା କର୍ମଚାରୀଙ୍କ ସମେତ ପ୍ରାୟ ୨୦୦୦ କର୍ମଚାରୀଙ୍କୁ ସଶକ୍ତ କରିଛି ଏବଂ ସେମାନଙ୍କୁ ନିଜର ପୂର୍ବରୁ ରହିଥିବା ଲୋକଶକ୍ତି ସହିତ ସମନ୍ୱିତ କରିଛି। ଏହା ଏକ ଅନନ୍ୟ ସାଂସ୍କୃତିକ ସଂପ୍ରୀତି ସୃଷ୍ଟି କରିପାରିଛି ଯାହା କମ୍ପାନୀ ଭିତରେ ନୂତନ ଉଦ୍ଭାବନ ଏବଂ ସୃଜନଶୀଳତା ସଂସ୍କୃତିକୁ ପ୍ରୋତ୍ସାହିତ କରୁଛି। ଇଣ୍ଡିଆ ପାୱାର ତାହାର ଘରୋଇ, ବାଣିଜ୍ୟିକ ଏବଂ ଶିଳ୍ପ ଉପଭୋକ୍ତାଙ୍କୁ ଉନ୍ନତତର ସେବା ସୁଲଭ ମୂଲ୍ୟରେ ଯୋଗାଇବା ସକାଶେ ନେଟୱାର୍କ ଓ ଆବଫକ୍ଷ୍ପ;ନ ଭିତ୍ତିଭୂମିକୁ ଉନ୍ନତ କରିବାକୁ ୫୦୦ କୋଟି ଟଙ୍କାରୁ ଅଧିକ ନିବେଶ କରିଛି। ନୂତନ ଭୌଗୋଳିକ ଅଞ୍ଚଳରେ ନିଜର କାର୍ଯ୍ୟକ୍ରମକୁ ସମ୍ପ୍ରସାରିତ କରିବା ପାଇଁ ସାନି ପୁଞ୍ଜିନିବେଶ କରିବାକୁ କମ୍ପାନୀ ପ୍ରତିଶ୍ରୁତିବଦ୍ଧ ଏବଂ ଉପଭୋକ୍ତା ଯେଭଳି ଭୋଲ୍‌ଟେଜରେ ହ୍ରାସବୃଦ୍ଧି, ଶକ୍ତି ବିଭ୍ରାଟ, ଶକ୍ତି ଯୋଗାଣରେ ବିଫଳତା ଏବଂ ଲୋଡ ସେଡିଂ ଆଦି କାରଣରୁ ପ୍ରଭାବିତ ନୁହଅନ୍ତି ତାହା ନିଶ୍ଚିତ କରିବାକୁ ବହୁ ରାଜ୍ୟ ସରକାରଙ୍କ ସହିତ ନିବିଡ ଭାବରେ ମିଶି କାର୍ଯ୍ୟ କରୁଛି। ମଧ୍ୟପ୍ରଦେଶ ସରକାର ଇଣ୍ଡିଆ ପାୱାରର ସହଯୋଗୀ କମ୍ପାନୀ ଏମ୍‌ପି ସ୍ମାର୍ଟଗ୍ରୀଡ ପ୍ରାଇଭେଟ ଲିମିଟେଡକୁ ନିକଟରେ ଏକ ପ୍ରଥମ ଧରଣର ପ୍ରକଳ୍ପ ପ୍ରଦାନ କରିଛନ୍ତି। କମ୍ପାନୀ ଉଜ୍ଜୟିନ, ରତ୍‌ଲାମ, ଦେୱାସ, ଖାରଗୋନ୍ ଏବଂ ମାଉ ଆଦି ସ୍ଥାନରେ ୩୫୦,୦୦୦ ସ୍ମାର୍ଟ ମିଟର ସ୍ଥାପନ କାର୍ଯ୍ୟ ଆରମ୍ଭ କରିଛି। ଉପଭୋକ୍ତାଙ୍କ ଘରେ ସ୍ମାର୍ଟ ମିଟର ସ୍ଥାପନ ସହିତ ଏହି ପ୍ରକଳ୍ପରେ ଏକ ପାୱାର ନେଟୱାର୍କ ପାଇଁ ଭିତ୍ତିଭୂମି ସ୍ଥାପନ ଏବଂ ପାଞ୍ଚବର୍ଷ ପର୍ଯ୍ୟନ୍ତ ତାହାର ପରିଚାଳନା ଓ ରକ୍ଷଣାବେକ୍ଷଣ (ଓ ଆଣ୍ଡ ଏମ୍) ମଧ୍ୟ ଅନ୍ତର୍ଭୁକ୍ତ। ସରକାରୀ ଓ ଘରୋଇ କ୍ଷେତ୍ରର ସମ୍ମିଳିତ ସାମର୍ଥ୍ୟକୁ ସାକାର ରୂପ ଦେବାନେଇ କମ୍ପାନୀର ସାମର୍ଥ୍ୟ ସମ୍ପର୍କରେ ପ୍ରକାଶକରି ଇଣ୍ଡିଆ ପାୱାରର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ରାଘବ ରାଜ କନୋରିଆ କହିଛନ୍ତି, "ଇଣ୍ଡିଆ ପାୱାରରେ ଆମେ ଦୁଇଟି କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିବାରେ ସମର୍ଥ ହୋଇଛୁ। ଉପଭୋକ୍ତା ସନ୍ତୁଷ୍ଟିକୁ ଆଗେଇନେବାରେ ଘରୋଇ କ୍ଷେତ୍ରର ଉଲ୍ଲେଖନୀୟ ସାମର୍ଥ୍ୟ ହେଉ କିମ୍ବା କର୍ମଚାରୀ କଲ୍ୟାଣ ନିମନ୍ତେ ସରକାରୀ କାର୍ଯ୍ୟ ସଂସ୍କୃତି- ଇଣ୍ଡିଆ ପାୱାର ସବୁ କ୍ଷେତ୍ରରେ ସଫଳ ହୋଇଛି। ଆମେ ଡିପିଏସ୍‌ସିର ସମସ୍ତ କର୍ମଚାରୀଙ୍କୁ ବଜାୟ ରଖିଛୁ, ସେମାନଙ୍କୁ ପୁନଃ ତାଲିମ ପ୍ରଦାନ ସହିତ ସଶକ୍ତ କରିଛୁ, ଆଡଭାନ୍‌ସଡ ମିଟରିଂ

ଇନଫ୍ରାଷ୍ଟ୍ରକଚର (ଏଏମ୍‌ଆଇ), ଏସ୍‌ସିଏଡିଏ ଏବଂ ଇଫକ୍ଷ୍ପ;ରନେଟ ଅଫ୍ ଥିଙ୍ଗ୍‌ସ (ଆଇଓଟି) ଭଳି ଆଧୁନିକ ପ୍ରଯୁକ୍ତିକୌଶଳରେ ପୁଞ୍ଜିନିବେଶ କରିବା ସହିତ ଆମର ସମସ୍ତ ଅଂଶୀଦାରଙ୍କ ପାଇଁ ଏକ ଲାଭଜନକ ପରିବେଶ ସୃଷ୍ଟି କରିଛୁ।" ଇଣ୍ଡିଆ ପାୱାର୍‌ର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ତଥା ଶକ୍ତି ଶିଳ୍ପର ଜଣେ ପ୍ରବୀଣ ବ୍ୟକ୍ତି ଶ୍ରୀ ସୋମେଶ ଦାସଗୁପ୍ତା କହିଛନ୍ତି, "ଡିପିଏସ୍‌ସି ଏହାର ଲାଇସେନ୍ସ ଅଧୀନ ଅଞ୍ଚଳରେ ଥିବା ଗୁରୁତ୍ୱପୂର୍ଣ୍ଣ ଖଣି କ୍ଷେତ୍ରଗୁଡିକୁ ଏକାଗ୍ରତା, ଉତ୍ସର୍ଗୀକୃତ ଭାବ ଏବଂ ଶୃଙ୍ଖଳିତ ଭାବେ ଶକ୍ତି ଯୋଗାଇ ଦେଉଛି। ଅଧିଗ୍ରହଣ ପରବର୍ତ୍ତୀ ସମୟରେ ଇଣ୍ଡିଆ ପାୱାର ସୁଲଭତା ସହିତ ମାନକୁ ସଂଯୁକ୍ତ କରିଛି ଏବଂ ଉପଭୋକ୍ତାଙ୍କ ପାଇଁ ସେମାନଙ୍କ ଅର୍ଥର ଉପଯୁକ୍ତ ମୂଲ୍ୟ ପ୍ରଦାନ ସ୍ଥିତିରେ ପୁନଃ ଉନ୍ନତି ଆଣିଛି। ସରକାରୀ କ୍ଷେତ୍ର ସେବା ଯୋଗାଣରେ ଘରୋଇ କ୍ଷେତ୍ରର ଅଭିଜ୍ଞତାକୁ ସମ୍ମିଶ୍ରିତ କରିବାରେ କମ୍ପାନୀ ଏକ ମାନଦଣ୍ଡ ସ୍ଥାପନ କରିଛି ଏବଂ ସମଗ୍ର ଭାରତରେ ରାଜ୍ୟ ସରକାରମାନଙ୍କ ଦ୍ୱାରା ଏକ ପସନ୍ଦଯୋଗ୍ୟ ସହଭାଗି ଭାବରେ ବିବେଚିତ ହେଉଛି।

## ଘୋଷଣା

ଯାନ୍ତ୍ରିକ ତ୍ରୁଟି ଯୋଗୁଁ 'ପର୍ଯ୍ୟବେକ୍ଷକ' ୭ ତାରିଖ ସଂସ୍କରଣ ପ୍ରକାଶିତ ହୋଇନଥିବାରୁ ଆମେ ଦୁଃଖିତ।

-ପ୍ରକାଶକ




# ଉତ୍କଳର ସଂକ୍ରାନ୍ତିପୁରୁଷ ମଧୁସୂଦନ ଦାସ

ଉତ୍କଳର ସାରସ୍ୱତ ସାଧକ ଓ ପ୍ରେରଣା ପୁରୁଷଙ୍କ ଭିତରୁ ପ୍ରଚଣ୍ଡ ପ୍ରତିଭାଧାରୀ, ଜାତିପ୍ରାଣ ଯେକି ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରଦେଶ ରୂପେ ଗଠନ କରିବାର ମୁଖ୍ୟ ଭୂମିକା ନେଇ ଊନବିଂଶ ଶତାବ୍ଦୀର ଘନଅନ୍ଧକାର ଭିତରୁ "ଶତାବ୍ଦୀର ସୂର୍ଯ୍ୟ" ପରି ଆଲୋକ ବର୍ତ୍ତିକା ହୋଇ ସମଗ୍ର ଓଡ଼ିଶାକୁ ପଥ ପ୍ରଦର୍ଶନ କରାଇ ଥିଲେ, ସେ ଥିଲେ ଆଧୁନିକ ଉତ୍କଳର ସ୍ୱପ୍ନଦ୍ରଷ୍ଟା ଓ ସ୍ଥପତି ମଧୁସୂଦନ ଦାସ ସମଗ୍ର ମାନବ ଜାତିର ଗର୍ବ ଓ ଗୌରବ । ସେହି ମହାନ ସଂକ୍ରାନ୍ତି ପୁରୁଷଙ୍କୁ କଟକ ଜିଲ୍ଲାର ସତ୍ୟଭାମାପୁର ମାଟି ୧୮୪୮ ମସିହା ଏପ୍ରିଲ ୨୮ ତାରିଖରେ ଜନ୍ମ ଦେଇ ପୁତ ଓ ପବିତ୍ର ହୋଇଥିଲା । ସେ ଥିଲେ ବିଚକ୍ଷଣ ବ୍ୟକ୍ତିତ୍ୱର ଅଧିକାରୀ । ଓଡ଼ିଆ ଜାତିର ଜୀବନରେ ନବ ଜାଗରଣ ଆଣି ଦେବାରେ ସେ ଥିଲେ ଅଗ୍ରଦୂତ । ଗାନ୍ଧିଜୀ ମଧୁବାବୁଙ୍କୁ ନିଜଗୁରୁ ଭାବେ ମାନିଥିବା ସ୍ଥଳେ, ଅରବିନ୍ଦ କହିଥିଲେ ମଧୁବାବୁ ଥିଲେ ନେତୃତ୍ୱର ଶିଖର ପୁରୁଷ । ପଣ୍ଡିତ ନେହେରୁଙ୍କ ଦୃଷ୍ଟିରେ ସେ ଥିଲେ ଜନବାଦୀ ମହାନନେତା । ସାର ରାମ୍‌ସେଙ୍କ ଭାଷାରେ ସେ ଥିଲେ ଓଡ଼ିଶାର ଅଦ୍ୱିତୀୟ ମୁକୁଟ ବିହିନ ସମ୍ରାଟ ଓଡ଼ିଆ ଜାତିର ବ୍ୟକ୍ତିତ୍ୱ ଓ ମହତ ପ୍ରତିଷ୍ଠା ପାଇଁ ତାଙ୍କର ସେବା ଓ ତ୍ୟାଗ ଇତିହାସର ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ । ଏ ଜାତିକୁ ପୁନର୍ବାର ଅଭିମନ୍ଦିତ କରିବାରେ ତାଙ୍କର ପ୍ରଚେଷ୍ଟା ଓ ଉଦାତ୍ତ ଆହ୍ୱାନ ଥିଲା । "ତୁ ପରା ବୋଲାଉ ଉତ୍କଳ ସନ୍ତାନ.... ତେବେ କିମ୍ପାତୁହି ଭୀରୁ" । ଏକତାର ରଜ୍ଜୁରେ ସମସ୍ତ ଓଡ଼ିଆକୁ ବାନ୍ଧିବା ସହ ସ୍ୱାର୍ଥରେ ମସଗୁଲ ହୋଇପଡ଼ିଥିବା ବ୍ୟକ୍ତି ବିଶେଷଙ୍କ ପ୍ରତି ସେ ତାଙ୍କର "ସନ୍ତାନର ଉକ୍ତି" କବିତାରେ ଆହ୍ୱାନ କରି ଗାଇଛନ୍ତି-





*"ଜାତି ପ୍ରେମ ବହ୍ନି ପ୍ରଜ୍ୱଳିତ କର*
*ସ୍ୱାର୍ଥକୁ ଦିଅ ଆହୁତି ।*
*ସ୍ୱାର୍ଥମେଧ ଯଜ୍ଞେ ଚାରିଆଡ଼େ ନାଚ*
*ଛାତିକୁ ମିଳାଇ ଛାତି ।।"*

ଏକତା ହିଁ ଜାତୀୟ ଉନ୍ନତିର ମୂଳଭିତି । ଏକତାର ଅଭାବରୁ ଜାତିର ଉନ୍ନତି ଅସମ୍ଭବ । ତେଣୁ ସମଗ୍ର ଉତ୍କଳରେ ଜାତୀୟ ଏକତା ସୃଷ୍ଟିକରିବା ନିମିତ୍ତ କବି ଓ ମହାମାନ୍ତ୍ରିକ ମଧୁବାବୁ ତାଙ୍କ ଭାଷଣରେ କହିଥିଲେ "ଜାତି ଇତିହାସ ଜାତିର ନିର୍ଝର, ସଦା ବହେ ଯହୁଁ ଜାତି ପ୍ରୀତିତାର" ଯାହା ସେଦିନ ପ୍ରତ୍ୟେକ ଓଡ଼ିଆଙ୍କ ହୃଦୟରେ ରୋମାଞ୍ଚ ସୃଷ୍ଟି କରିଥିଲା । ପ୍ରାଣରେ, ଚିନ୍ତାରେ, ଚେତନାରେ ସେ ଥିଲେ ସର୍ବୋଚ୍ଚ ଭାବରେ ଓଡ଼ିଆ । ସେ ବାରମ୍ବାର ଆହ୍ୱାନ ଦେଇଥିଲେ 'ନିଜର ଜୀବନ ଜାତିକୁ ଅର୍ପଣ କଲେ ମିଳେ ଜାତିପ୍ରାଣ, ଜାତୀୟ ଜୀବନ ନ ମିଳିବ କଲେ ହାଟେ ବାଟେ ଅନ୍ୱେଷଣ' । ଆଜି ତାଙ୍କର ଏ ପବିତ୍ର ଜନ୍ମ ଜୟନ୍ତୀ ତିଥିରେ ଓଡ଼ିଆ ଜାତୀୟ ଜୀବନର ମହାନ ପ୍ରବକ୍ତା, ଓଡ଼ିଶାର ନବ ଜାଗରଣର ପ୍ରମୁଖ ନେତା, ଓଡ଼ିଆ ଜାତିର ଚିରସ୍ମରଣୀୟ ବ୍ୟକ୍ତିତ୍ୱ ଉତ୍କଳ ଗୌରବ ମଧୁସୂଦନଙ୍କୁ ଯେ କୌଣସି ପରିସ୍ଥିତିରେ ସ୍ମରଣ କଲେ ଓଡ଼ିଆର ପ୍ରାଣରେ ପୁଲକ ଓ ସ୍ପନ୍ଦନ ସୃଷ୍ଟିହୁଏ । ଆସନ୍ତୁ ଏହି ପବିତ୍ର ଦିନରେ ନିଜ ମା ପ୍ରତି, ନିଜ ମାଟି ପ୍ରତି, ନିଜ ଭାଷା ପ୍ରତି ପ୍ରୀତି ରଖିବା ସହ ତାଙ୍କର ଆଦର୍ଶ ଓ କର୍ମରେ ଉଦ୍‌ବୁଦ୍ଧ ହୋଇ କାର୍ଯ୍ୟ କରିବା ପାଇଁ ସଂକଳ୍ପ ବଦ୍ଧ ହେବା ।

**ଉମାଶଙ୍କର ପ୍ରସାଦ,**
**ସ୍ତମ୍ଭକାର ତଥା ବରିଷ୍ଠ ସାମ୍ବାଦିକ, ଖୋର୍ଦ୍ଧା।**

## ସୌନ୍ଦର୍ଯ୍ୟକରଣ ହୋଇଥିବା ଦୁତିଆଳ ଉଚ୍ଚପ୍ରାଥମିକ ସ୍କୁଲ ପରିଦର୍ଶନ କଲେ ଜିଲ୍ଲାପାଳ

କେନ୍ଦ୍ରାପଡା (ପିଏନ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ଗ୍ରାମପଂଚାୟତ ପକ୍ଷରୁ ସରପଂଚ ପୁଷ୍ପଲତା ସେନାପତିଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସରକାରଙ୍କ ସ୍କୁଲ ସୌନ୍ଦର୍ଯ୍ୟକରଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଦୁତିଆଳ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ପରିଦର୍ଶନ



କରିଛନ୍ତି ଜିଲ୍ଲାପାଳ ଅମ୍ରିତ ଋତୁରାଜ । ସ୍କୁଲର ଶ୍ରେଣୀଗୃହ ଗୁଡିକୁ ଡିଜିଟାଲ ଶ୍ରେଣୀଗୃହରେ ପରିଣତ କରାଯାଇଥିବା ବେଳେ ସୌରଶକ୍ତି ମାଧ୍ୟମରେ ସ୍କୁଲ ପରିସରକୁ ଆଲୋକିତ କରାଯାଇ ସ୍କୁଲରେ ଟିଭି, ଆକୁଆଗାର୍ଡ, ଗ୍ରୀନବୋର୍ଡ ପ୍ରଭୃତି ଲଗାଯାଇଛି । ସ୍କୁଲ କାନ୍ଥକୁ ବିଭିନ୍ନ ରଙ୍ଗବେରଙ୍ଗରେ ଚିତ୍ରଣ କରାଯିବା ସହ ସ୍କୁଲକୁ ସଂଯୋଗ କରୁଥିବା ରାସ୍ତାରେ ପେଭର ବ୍ଲକ ବିଛାଯାଇଛି । ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ପ୍ରତି ଆକୃଷ୍ଟ କରିବା ଉଦେଶ୍ୟରେ ସଂପୂର୍ଣ୍ଣ ଅତ୍ୟାଧୁନିକ ଶୈଳିରେ ସ୍କୁଲ ପରିବେଶ ଓ ବାତାବରଣକୁ ଆକର୍ଷଣୀୟ କରାଯାଇଥିବା ଦେଖି ଜିଲ୍ଲାପାଳ ସରପଞ୍ଚ ଶ୍ରୀମତୀ ସେନାପତିଙ୍କୁ ବେଶ ପ୍ରଶଂସା କରିଥିବା ଜଣାପଡିଛି । ଏଥିସହିତ ପଂଚାୟତର ପୁରୁଷୋତ୍ତମପୁର ଗ୍ରାମ ଅଧିନ ବଉଳପାଟଣା ପଡାଗ୍ରାମର ୪ଟି ରାସ୍ତାରେ ପେଭର ବ୍ଲକିଂ (ରଙ୍ଗୀନ ଇଟା) ବିଛାଯାଇ ରାସ୍ତାକୁ ସୁନ୍ଦର ଭାବେ ପ୍ରସ୍ତୁତ କରାଯାଇଥିବା ଓ ଦୁତିଆଳ ଅଙ୍ଗନୱାଡିକେନ୍ଦ୍ରକୁ ଏକ ମଡେଲ ଅଙ୍ଗନୱାଡିକେନ୍ଦ୍ରରେ ପ୍ରସ୍ତୁତ କରାଯାଇଥିବା ଜିଲ୍ଲାପାଳ ଶ୍ରୀ ଋତୁରାଜ ଦେଖି ପ୍ରସଂଶା କରିଥିଲେ । ଜିଲ୍ଲାପାଳଙ୍କ ଏହି ପରିଦର୍ଶନ ସମୟରେ ବିଡିଓ ଅଶ୍ୱିନୀ କୁମାର ଦାସ, ସହକାରୀ ନିର୍ବାହୀ ଯନ୍ତ୍ରୀ ଆକୁଳି ଚରଣ ସାହୁ, କନିଷ୍ଠ ଯନ୍ତ୍ରୀ ବିନୟ କୁମାର ମିଶ୍ର, ସରପଞ୍ଚ ଶ୍ରୀମତୀ ସେନାପତି, ଯୁବନେତା ବିଦ୍ୟୁତ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ ।

## ଭିତରକୁ ଗାଡି ଛଡାଯାଉନଥିବାରୁ ମେଡିକାଲ ସମ୍ମୁଖ ରାସ୍ତା ଜାମ

କେନ୍ଦ୍ରାପଡା (ପିଏନ୍): ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଭିତରକୁ ଗେଟ ପାଖରୁ କୌଣସି ଗାଡି ଛଡାଯାଉନଥିବାରୁ ମେଡିକାଲ ସମ୍ମୁଖ ରାସ୍ତାରେ ଗାଡି ଗୁଡିକ ରହି ରାସ୍ତାକୁ ଜାମ କରୁଥିବା ଦେଖିବାକୁ ମିଳିଛି । ଫଳରେ ସେହି ରାସ୍ତା ଦେଇ ସୁନାଇଲୋ, ପଶୁ ଡାକ୍ତରଖାନା ଓ ଜୟୀପୁରା ପ୍ରଭୃତି ସ୍ଥାନକୁ ଯାଉଥିବା ଗାଡି ଗୁଡିକୁ ବହୁ ଅସୁବିଧାର ସମ୍ମୁଖିନ ହେବାକୁ ପଡୁଛି । ପୂର୍ବରୁ ମେଡିକାଲ ଭିତରକୁ ଯାଉଥିବା ଗାଡି ଗୁଡିକ ମୁଖ୍ୟ ଗେଟ ନିକଟ ଡାହାଣ ପାର୍ଶ୍ୱରେ ଥିବା ପାର୍କିଂ ସ୍ଥାନରେ କିମ୍ବା ବାମ ପାର୍ଶ୍ୱରେ ଥିବା ସ୍ଥାନରେ ରଖାଯାଉଥିଲା । କିନ୍ତୁ ଏବେ ସେହି ସ୍ଥାନରେ ଗାଡି ରଖାଗଲେ କୌଣସି ଅସୁବିଧା ହେବାର ସମ୍ଭାବନା ନଥିବା ବେଳେ ଗେଟ ଭିତରକୁ ଗାଡି ଗୁଡିକ ଛଡା ନଯିବା ଦ୍ୱାରା ମେଡିକାଲ ସମ୍ମୁଖ ରାସ୍ତାଟି ଜାମ ହୋଇ ବହୁ ଅସୁବିଧା ସୃଷ୍ଟି ହେଉଥିବାରୁ ଏଥିପ୍ରତି ମେଡିକାଲ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି ।

## ଜନଶକ୍ତି ପାର୍ଟିର ମେଡିକାଲ କଲେଜ ଆନ୍ଦୋଳନରେ ସାମିଲ ହେଲେ କଲେଜ ଛାତ୍ର



କେନ୍ଦ୍ରାପଡା (ପିଏନ୍): ଜନଶକ୍ତି ପାର୍ଟି ପକ୍ଷରୁ କେନ୍ଦ୍ରାପଡାରେ ମେଡିକାଲ କଲେଜ ପ୍ରତିଷ୍ଠା ନେଇ ଚାଲିଥିବା ଆନ୍ଦୋଳନରେ ସାମିଲ ହୋଇଛନ୍ତି କଲେଜ ଛାତ୍ର । ଜିଲ୍ଲାବାସୀଙ୍କ ଅନେକ ଦିନର ସ୍ୱପ୍ନ ଉନ୍ନତମାନର ସ୍ୱାସ୍ଥ୍ୟସେବା ସମେତ ଏକ ମେଡିକାଲ କଲେଜ ପ୍ରତିଷ୍ଠା ପୂର୍ବ ଭଳି ସ୍ୱପ୍ନ ହୋଇ ରହିଯାଇଛି । ଦୀର୍ଘ ୫୦ବର୍ଷ ଧରି ସ୍ୱର୍ଗତଃ ବିଜୁବାବୁଙ୍କ ହସ୍ତମୁଦି ମାହାଲ ସାଜିଥିବା କେନ୍ଦ୍ରାପଡା ଆଜି ସବୁ ସୁବିଧା ସୁଯୋଗରୁ ବଞ୍ଚିତ ହୋଇ ପଡିଛି । ଏସବୁ ସମସ୍ୟାକୁ ନେଇ ଜନଶକ୍ତି ପାର୍ଟି ଦୀର୍ଘଦିନ ଧରି ଗଣଧାରଣା, ସ୍ମାରକପତ୍ର ପ୍ରଦାନ, ବିଭିନ୍ନ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ନିକଟରେ ଅନଶନ କରିବା ପରେ ପ୍ଲାକାର୍ଡ ଶୋଭାଯାତ୍ରା କରି ଜିଲ୍ଲାବାସୀଙ୍କ ମେଡିକାଲ କଲେଜ ପ୍ରତିଷ୍ଠା ଦାବି ହାସଲ ପାଇଁ ଆନ୍ଦୋଳନକୁ ଜୋରଦାର କରିଛି । ତିନିମୁହାଣୀ ସ୍ଥିତ କେନ୍ଦ୍ରାପଡା କଲେଜ ଛକରେ ଦଳର ରାଜ୍ୟ ସଭାପତି ବରିଷ୍ଠ ଆଇନଜୀବୀ ପ୍ରଦୀପ କୁମାର ଦାଶଙ୍କ ନେତୃତ୍ୱରେ ଅନୁଷ୍ଠିତ ପ୍ଲାକାର୍ଡ ଶୋଭାଯାତ୍ରାରେ ପ୍ରଫେସର ନିରଞ୍ଜନ ମଙ୍ଗରାଜ, ଛାତ୍ରନେତା ଅନୁରାଗ ନାୟକ, ଶ୍ରୀତମ କେତନ ଦାସ, ବିଶ୍ୱରଞ୍ଜନ ଦାସ, ଅବଦୁଲ ସରିମ ଖାନ, ଶ୍ରମିକ ନେତା ଅଜୟ ପାତ୍ର, କବିରଞ୍ଜନ ଦଳାଇ, ଶରତ ସାହୁ, ବିବେକ ନାୟକ, ଅନିଲ ନାୟକ, ବିଶ୍ୱରଞ୍ଜନ ପ୍ରତାପ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

# ମଧୁବାବୁ, କାଳିଆଘୋଡ଼ା ଓ ମେଣ୍ଢା



ସେକାଳ ପଖାଳ ଏବେ ଆଉ ନାହିଁ । ସେକାଳେ ହେତୁ ହେବା ପରେ ଘରେ ଶିଖାଉଥିଲେ, ଟିକେ ଗାଇଲୁ, 'କାଳିଆ ଘୋଡ଼ାରେ ଚଢ଼ିବି, ମଧୁବାବୁ ସାଂଗେ ଲଢ଼ିବି' । କାଳିଆ ଘୋଡ଼ା ପ୍ରତି ପିଲାଙ୍କର ବେଶୀ ଆକର୍ଷଣ ଥାଏ । ତେଣୁ କଥାଟି ମନକୁ ପାଏ । ହେଲେ ପୁଣି ପ୍ରଶ୍ନ ଆସେ, କଳା ଘୋଡ଼ା କାହିଁକି, ଧଳା ଘୋଡ଼ା କାହିଁକି ନୁହଁ ? ଏ ମଧୁବାବୁ ପୁଣି କିଏ ? ସେଇଠୁ କିଏ କେମିତି ବୁଝାନ୍ତି, କଳା ଘୋଡ଼ା ହେଉଛି ବଳବୀର୍ଯ୍ୟ, ସାମର୍ଥ୍ୟର ପ୍ରତୀକ, ପରିଶ୍ରମର ସୂଚକ । ତେଣୁ ରେସ୍ କୋର୍ସରେ କଳାଘୋଡ଼ା ଉପରେ ବାଜି ଲଗାଯାଇଥାଏ । କଳାଘୋଡ଼ାର ନାଲ ବିଭିନ୍ନ କାର୍ଯ୍ୟରେ ଉପଯୋଗ ହୁଏ । ଅଶୁଭ ଦୃଷ୍ଟିରୁ ରକ୍ଷା ପାଇବା ପାଇଁ, ଧନ ସଂପତି ବୃଦ୍ଧି ପାଇଁ ଏହି ନାଲର ଭରି ଚାହିଦା । ପୁଣି କଳା ରଂଗ ହେଉଛି ମହାପ୍ରଭୁ ଜଗତର ନାଥ ଜଗନ୍ନାଥଙ୍କର ରଙ୍ଗ । ପୁଣି ଉତ୍କର୍ଷ କଳାର ରାଜ୍ୟ ଉତ୍କଳ ବା ଓଡ଼ିଶା । କଳିଙ୍ଗ ଶବ୍ଦଟିର ଆରଂଭ ବି ସେଇ କ ଅକ୍ଷରରୁ ।

'କାଳିଆ ଘୋଡ଼ାରେ ଚଢ଼ିବି, ମଧୁବାବୁ ସାଂଗେ ଲଢ଼ିବି' କିଏ ଲେଖିଥିଲେ, ତାହା ଜଣାନାହିଁ । ହୁଏତ ଲୌକିକ ଆଧାରରେ ଏମିତି ପଦଟିଏ ଛିଣ୍ଡାଯାଇଥିବ ! କେହି କେହି କୁହନ୍ତି, ମଧୁବାବୁ କାଳେ କାଳିଆ ଘୋଡ଼ାରେ ଚଢ଼ି କଚେରୀ ଯାଉଥିଲେ । ତେଣୁ ମଧୁବାବୁ କାଳିଆ ଘୋଡ଼ାରେ ଚଢ଼ିବା ଥିଲା ବୀରତ୍ୱ ଓ ସ୍ୱାଭିମାନର ପ୍ରତୀକ । ମଧୁବାବୁଙ୍କ ସାଂଗରେ ଲଢ଼ିବାର ଅର୍ଥ ହେଉଛି ବଡ଼ ହୋଇ ମଧୁବାବୁଙ୍କ ଭଳି ଭଲ ମଣିଷ/ବଡ଼ ମଣିଷ ହୁଅ । ପିଲାଦିନର ସେଇ ପ୍ରେରଣା ଏବେ ଆଉ ନାହିଁ । ସେହିପରି ପିଲାବେଳେ ଗୋଟେ ଗୀତ 'ତୁମ ପରି ଛୋଟ ପିଲାଟିଏ' ବି ଆମ ମନକୁ ଭାରି ଛୁଇଁଯାଇଥିଲା । ବାରମ୍ବାର ଆବୃତି କରିବାକୁ ଇଚ୍ଛା ହେଉଥିଲା: ତୁମ ପରି ଛୋଟ ପିଲାଟିଏ, ଗାଁ ଚାହାଳିର ଚାଟ ସିଏ, ଚେହେରାଟି ତା'ର ଡଉଲ ଡାଉଲ, ପାଠରେ ତାହାର ସରି କିଏ ? ସେଇ କବିତାର ଉଚ୍ଛ୍ୱାସ ଏବେ ଆଉ ନାହିଁ । ଏବେ ଆଉ ଆମ ପିଲାଏ ଏଥିରେ ଉଦ୍‌ବୁଦ୍ଧ ହେଉନାହାନ୍ତି । କାଳିଆ ଘୋଡ଼ାରେ ଚଢ଼ିବି, ମଧୁବାବୁ ସାଂଗେ ଲଢ଼ିବି ପଦଟି ମଧ୍ୟ ପିଲେ ଆଉ ଶୁଣୁନାହାନ୍ତି । ଓଡ଼ିଆ-ମାଧ୍ୟମ ପିଲା ହୁଏତ ଶୁଣୁଥିବେ, ଜାଣୁଥିବେ, କିନ୍ତୁ ଇଂରାଜୀ-ମାଧ୍ୟମ ଛୁଆ ଏସବୁରୁ ବଂଚିତ । ପାଠରେ ନ ଥାଉ ପଛେ, ଆମ ଉଚ୍ଚଶିକ୍ଷିତ ବାପ-ମା' ନିଜ ଇଂରାଜୀ-ମାଧ୍ୟମ ପିଲାମାନଙ୍କୁ ଏସବୁ ଶୁଣାଇବାକୁ ପସନ୍ଦ କରୁନାହାନ୍ତି, ସେଗୁଡ଼ାକ କାଳେ ପୁରୁଣାକାଳିଆ, ମଫସଲି । ଆଜିର ଇଂଲିଶ-ମାଧ୍ୟମ ଛୁଆ ଏବେ 'ବା ବା ବ୍ଲାକ୍‌ସିପ ପଢୁଛନ୍ତି' । ମାନେ ମଧୁବାବୁଙ୍କୁ ଚିହ୍ନିପାରୁନାହାନ୍ତି, ହେଲେ ମେଣ୍ଢାକୁ ଚିହ୍ନୁଛନ୍ତି । ଏହା ହିଁ ବିଡ଼ମ୍ବନା । ଆମ ପିଲେଙ୍କୁ ମଧୁବାବୁ କିଏ ବୋଲି ପଚାରିଲେ, ସେମାନେ ଓଲଟି ପଚାରୁଛନ୍ତି, ମଧୁବାବୁ କିଏ ?



ସ୍ୱତଂତ୍ର ଉତ୍କଳ ପ୍ରଦେଶ ଗଠନରେ ଯେଉଁ ବ୍ୟକ୍ତିଙ୍କର ବଳିଷ୍ଠ ଅବଦାନ ଥିଲା, ତାଂକୁ ଆମ ଭବିଷ୍ୟତ ପିଢି ଜାଣୁନାହାନ୍ତି । ପାଠକବଂଧୁ, ଜାତିର ପିତା ମହାତ୍ମା ଗାନ୍ଧୀ ଏକଦା ମଧୁବାବୁଙ୍କୁ ନିଜର ଫ୍ରେଣ୍ଡ, ଫିଲୋସଫର, ଗାଇଡ୍ ବୋଲି ମାନିଥିଲେ । ମଧୁବାବୁଙ୍କର ସ୍ୱଦେଶୀ ବିଚାର ଓ ଶିଳ୍ପାୟନ ଚିନ୍ତାଧାରାରେ ଉଦ୍‌ବୁଦ୍ଧ ହୋଇଥିଲେ ଗାନ୍ଧିଜୀ । ମଧୁବାବୁଙ୍କ ଉତ୍କଳ ଟ୍ୟାନେରୀ ଭଳି ଗାନ୍ଧୀ ମଧ୍ୟ ସାବରମତୀ ଆଶ୍ରମରେ ଖୋଲିଥିଲେ ଏକ ଟ୍ୟାନେରୀ । ୧୯୨୭ ମସିହା ଜୁନ୍ ୧୯ ତାରିଖରେ 'ନବଜୀବନ'ରେ ଗାନ୍ଧିଜୀ ଲେଖିଥିଲେ, "Raw materials worth crores of rupees are produced in this country and, thanks to our ignorance, lethargy and lack of invention, exported to foreign countries; as Sri Madhusudan Das has pointed out, that we remain ignorant like animals, our hands do not get the training which they ought to and our intellects do not develop as they should. As a consequence, living art has disappeared from our land and we are content to imitate the west."

୧୯୨୮ ମାର୍ଚ୍ଚ ୧୬ ତାରିଖରେ ଗାନ୍ଧିଜୀ ମଧୁବାବୁଙ୍କ ନିକଟକୁ ପ୍ରିୟ ବଂଧୁ ବୋଲି ସମ୍ବୋଧନ କରି ଏକ ପତ୍ର ପଠାଇଥିଲେ, ଯାହାକି ଅତ୍ୟନ୍ତ ପ୍ରଣିଧାନଯୋଗ୍ୟ । ଆପଣଂକ ଗୋଚରାର୍ଥେ ଏଠାରେ ଉଲ୍ଲେଖ କରୁଛି:

Dear Friend,

After a great deal of thought and bother I have established at the Ashram a little bit of tannery without any power-driven machinery and without skilled assistance saved that of a man who has received a rough-and tumble experience of tanning in America and who is a crank like myself. Though I did not succeed in sharing your troubles and taking the load off your shoulders in connection with your own great national enterprise, your inspiration is partly responsible for the establishment of this little tannery at the Ashram. Can you please help me with a list of literature on the subject, a handbook on tanning and the like? If you think that there is nothing like this in English, will you out of your own wide and varied experience write out something that may be of use for propaganda, just a few hints? What is happening at the tannery? Who is in charge? I may add that my idea is to make the Ashram tannery a model for villages so that the villagers may be able to treat their own dead cattle and make use of the hide themselves. I have asked many people without success as to how I can skin dead cattle. Everybody knowing anything of tanning has something to say about hides after they are received from the village tanner; but nobody has yet told me if I take charge of a dead animal I can skin the carcass economically and hygienically and make use of other contents such as bones, intestine, etc., for purpose of manure.

**Yours sincerely,**
**(M.K.Gandhi)**
**March 16, 1928**

ତେଣୁ ଗାନ୍ଧିଜୀ ଯେ ବହୁଳ ଭାବେ ମଧୁବାବୁଙ୍କ ଦ୍ୱାରା ଅନୁପ୍ରାଣୀତ ହୋଇଥିଲେ, ଏଥିରେ ସନ୍ଦେହ ନାହିଁ । ସଂପ୍ରତି କରୋନା କବଳିତ ଏ ବିଶ୍ୱରେ ମଧୁବାବୁଙ୍କ ଚିନ୍ତନ ଭାରି ପ୍ରାସଂଗିକ । କୁଟୀର ଶିଳ୍ପ ମାଧ୍ୟମରେ ରୋଜଗାରର ସାଧନ ଉପଲବ୍ଧ କରାଇବା ଓ ତା'ର ଉପଯୋଗ ମଧୁବାବୁ ସଫଳ ଭାବେ କରାଇପାରିଥିଲେ । ତେଣୁ ମହାତ୍ମା ଗାନ୍ଧୀ ସେଇ ସ୍ୱଦେଶୀ ବିଚାରଧାରାକୁ ଆପଣାଇଥିଲେ । ମୌଳିକ ଶିକ୍ଷା ଉପରେ ଗୁରୁତ୍ୱ ଦେଇଥିଲେ । ନିଜ କାମ ନିଜେ କରିବା ଏବଂ ଏଭଳି ଧନ୍ଦାମୂଳକ କାର୍ଯ୍ୟ ଶିଖିବା, ଯାହା ଭବିଷ୍ୟତରେ ଆମ ପେଟପାଟଣା କଥା ବୁଝିବ । ତେବେ ହେଲା କ'ଣ ? ଆମକୁ ସ୍ୱଦେଶ ନୁହେଁ, ବିଦେଶ ବେଶୀ ବାସିଲା । ମେଡ୍ ଇନ୍ ଇଣ୍ଡିଆ ନୁହେଁ, ମେଡ୍ ଇନ୍ ଚାଇନା ବେଶୀ ଗ୍ରାସିଲା । ସେଇ ଚାଇନାର ଦାନ କୋଭିଡ୍-୧୯ରେ ଆମେ ଏବେ ପେଶିହେଇଯାଇଛୁ । ସଂପ୍ରତି ପ୍ରଧାନମଂତ୍ରୀ ନରେନ୍ଦ୍ର ମୋଦୀ ସେଇ ଗ୍ରାମ-ସ୍ୱରାଜ୍ୟ କଥା କହୁଛନ୍ତି, ଯାହା ଦିନେ ମଧୁବାବୁ ଓ ମହାତ୍ମା ଗାନ୍ଧୀ କହିଥିଲେ । ଗ୍ରାମପଂଚାୟତଗୁଡ଼ିକୁ ଆତ୍ମନିର୍ଭରଶୀଳ ହେବା ପାଇଁ ମୋଦୀ ଆହ୍ୱାନ ଦେଇଛନ୍ତି । ଚାଲନ୍ତୁ ସେଇ ଆତ୍ମନିର୍ଭରଶୀଳତା ପାଇଁ ପ୍ରୟାସୀ ହେବା । କୃଷି ଉପରେ ଗୁରୁତ୍ୱ ଦେବା । ଦାଦନ ଖଟିବାକୁ ନ ଯାଇ ନିଜ ଅଂଚଳରେ ଚାଷବାସ କରିବା । ସରକାରଙ୍କ ଠାରୁ ମାଗଣା, ମାହାଳିଆ ଖାଇବାର ପ୍ରବୃତି ପରିହାର କରି ସ୍ୱାଭିମାନୀ ହେବା । କୁଟୀର ଶିଳ୍ପ ବସାଇବା । ନିଜ ମାତୃଭୂମିକୁ ଭଲ ପାଇବା । ବହୁତ ଗୁଡ଼ାଏ ଅର୍ଥ ରୋଜଗାର ପାଇଁ ମନ ନ ବଳେଇବା । ନିଜେ ବଂଚିବା, ଅନ୍ୟକୁ ବଂଚିବାକୁ ଦେବା । ବିଡ଼ମ୍ବନାର ବିଷୟ, ଆମେ ମଧୁବାବୁଙ୍କୁ ଆମର ବ୍ରାଣ୍ଡ କରିପାରିଲେନାହିଁ । ସ୍ୱତଂତ୍ର ଉତ୍କଳ ପ୍ରଦେଶ ଗଠନର ମୁଖ୍ୟ ବିନ୍ଧାଣି ମଧୁବାବୁଙ୍କୁ ଆମେ ଯେଉଁଭଳି ଭାବେ ସମ୍ମାନ ଦେବାକଥା ଦେଇପାରିଲେନାହିଁ । ଓଡ଼ିଆ ମେଣ୍ଢା ହେଇ ରହିଗଲେ ।

**ସମରେନ୍ଦ୍ର ବଳିଆରସିଂହ,**
ବିଶ୍ୱାତ୍ମା, ଏମ୍-୨୩, ବିଡିଏ କଲୋନୀ, ଖୋର୍ଦ୍ଧା-୭୫୨୦୫୫, ଶୂନ୍ୟଭାଷ: ୮୨୪୯୬୭୯୦୯୯

DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G.,
Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ମହାମାରୀ କୋଭିଡ୍‌ର ଦ୍ୱିତୀୟ ଲହରରେ ଭିନ୍ନକ୍ଷମ ଲୋକମାନଙ୍କୁ ଯଜ୍‌ବା ଅନୁଷ୍ଠାନ ପକ୍ଷରୁ ଶୁଖିଲା ରାସନ୍ ସାମଗ୍ରୀ ବଂଟନ : ଯଜ୍‌ବା ଅନୁଷ୍ଠାନର ନିଆରା ପ୍ରୟାସ




ଭୁବନେଶ୍ୱର :ସମ୍ପ୍ରତି କରୋନା ମହାମାରୀର ଦ୍ୱିତୀୟ ଲହରୀ ସାରା ଦେଶକୁ କବଳିତ କରିଛି । ଓଡିଶାରେ ମଧ୍ୟ ସଂକ୍ରମଣ ଦିନକୁ ଦିନ ବଢିବାରେ ଲାଗିଛି । ଏପରି ଏକ ଘଡିସନ୍ଧି ସମୟରେ ପୁଣି ସହଯୋଗର ହାତ ବଢାଇଛି ଯଜ୍‌ବା ଅନୁଷ୍ଠାନ । ଏଥର ଦିବ୍ୟାଙ୍ଗଜନଙ୍କ ମୁହଁରେ ହସ ଫୁଟାଇ ପାରିଛି ଏହି ଅନୁଷ୍ଠାନ । ସେମାନଙ୍କ ଦୁଃଖକୁ ହୃଦୟଙ୍ଗମ କରି ଅନୁଷ୍ଠାନର ଅଧ୍ୟକ୍ଷ ସଫଦର୍ ହାସିମ୍‌ଙ୍କ ନେତୃତ୍ୱରେ ଭୁବନେଶ୍ୱର ସହରରେ ରହୁଥିବା ଭିନ୍ନକ୍ଷମମାନଙ୍କୁ ମାସ୍କ, ସାନିଟାଇଜର୍ ଓ ଶୁଖିଲା ଖାଦ୍ୟପୁଡିଆ ବଂଟନ କରାଯାଇଛି । ଆଜି ଏହି ପରିପ୍ରେକ୍ଷୀରେ ଯଜ୍‌ବା ଅନୁଷ୍ଠାନ ପକ୍ଷରୁ ପଟିଆସ୍ଥିତ ଅନୁଷ୍ଠାନର ମୁଖ୍ୟକାର୍ଯ୍ୟାଳୟରେ ଦିବ୍ୟାଙ୍ଗଲୋକମାନଙ୍କୁ ମାଗଣା ଶୁଖିଲା ରାସନ୍ ସାମଗ୍ରୀ ଅଟା, ଡାଲି, ତେଲ, ଚୂଡା ଏବଂ ଚାଉଳ ଆଦି ବଂଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ମଧୁମିତା ସାମଲ, ସିଦ୍ଧାର୍ଥ ଦାସ, କମେଡିଆନ୍ ସ୍ମୃତି(ନଟିଆ) ଯୋଗ ଦେଇ ଭିନ୍ନକ୍ଷମ ପିଲାମାନଙ୍କୁ କୋଭିଡ୍ ନିୟମ ଅନୁସାରେ ରାସନ୍ ସାମଗ୍ରୀ ବଂଟନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଅଭିନେତା ବାବୁରାଜା ପରିଚାଳନା କରିଥିଲେ । ସବୁ ସମୟରେ ଦୁସ୍ଥ, ଗରିବ ଓ ନିସହାୟ ଲୋକଙ୍କୁ ସହଯୋଗ କରିଆସୁଥିବା ସଫଦର୍ ହାସିମ୍‌ଙ୍କର ଏଭଳି ପ୍ରୟାସକୁ ସବୁଆଡୁ ପ୍ରଶଂସା ମିଳୁଛି । ଆଗକୁ ଏଭଳି କାର୍ଯ୍ୟକ୍ରମ ଜାରି ରହିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି ।

## ପୂର୍ବ ଶତ୍ରୁତାରୁ ମହିଳାଙ୍କୁ ମରଣାନ୍ତକ ଆକ୍ରମଣ, ଅଭିଯୁକ୍ତଙ୍କୁ ଗିରଫ କରିବାରେ ପୁଲିସ୍‌ର କାର୍ଯ୍ୟ ସନ୍ଦେହ ଘେରରେ !

ଭଦ୍ରକ: ଅଭିଯୋଗ ଦେବାର ୩ ଦିନ ବିତିଥିଲେ ମଧ୍ୟ ମରଣାନ୍ତକ ଆକ୍ରମଣର ସମ୍ମୁଖୀନ ହୋଇ ଗୁରୁତର ଆହତ ଅବସ୍ଥାରେ ଘରେ ପଡିଥିବା ଜଣେ ମହିଳାଙ୍କ କ୍ଷେତ୍ରରେ ପୁଲିସ୍ ପାତର ଅନ୍ତର ନୀତି ଗ୍ରହଣ କରିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି । ସଂପୃକ୍ତ ମହିଳା ଏହି ଜିଲାର ତିହିଡି ଥାନାରେ ଅଭିଯୋଗ ପତ୍ର ଦେଇଥିଲେ ମଧ୍ୟ ଅଭିଯୁକ୍ତଙ୍କ ପ୍ରତି ପୁଲିସ୍‌ର କୌଣସି କାର୍ଯ୍ୟାନୁଷ୍ଠାନ ନାହିଁ । ଏହି ମହିଳା ସ୍ଥାନୀୟ ଥାନାରେ ଦେଇଥିବା ଅଭିଯୋଗ ପତ୍ର ମୂଳେ ସଦାନନ୍ଦପୁର ଗ୍ରାମରେ ଲୋକନାଥ ଦାଶଙ୍କ ଘର । ତାଙ୍କ ପତ୍ନୀ ସାବିତ୍ରୀ ଗତ ୩ ତାରିଖ ଦିନ ଅପରାହ୍ନ ୨.୩୦ ସମୟରେ ଗୋରୁଗୁହାଳ ପରିଷ୍କାର କରି ଗୋବର ନେଇ ବାହାରକୁ ଫୋପାଡିବାକୁ ଯାଉଥିବା ସମୟରେ ପୂର୍ବ ଶତ୍ରୁତାକୁ ନେଇ ତାଙ୍କ ଦେଢଶୁର ଜଗନ୍ନାଥ ଦାଶ (୫୦) ହାତରେ ଧରିଥିବା ଏକ ମୂଳିଆ ବାଉଁଶ ବାଡିରେ ତାଙ୍କୁ ନିର୍ଘାତ ୮/୧୦ ପାହାର ପିଟିଥିଲେ । ଏଥିରେ ତାଙ୍କ ବାମଗୋଡ ଜଙ୍ଘ ହାଡ ଫାଟି ରକ୍ତାକ୍ତ ହୋଇଥିଲା । ଏହା ଦେଖି ପାଖରେ ଥିବା ଜଣେ ଗ୍ରାମବାସୀ ପ୍ରକାଶ ଯେନା, ଟୁବୁଲା ଯେନା ଘଟଣାସ୍ଥଳକୁ ଦୌଡିଆସି ତାଙ୍କୁ ଉଦ୍ଧାର କରିବା ସତ୍ୱେ ସେ ଉଲଗ୍ନ କରି ବିଧା, ଗୋଇଠା ମାରିବା ସହ ମୁଣ୍ଡକୁ ମାଡ ମାରିଥିଲେ ।

# ବିଜେଡି ସାଂସଦଙ୍କ ଟୀକା ବିଷୟରେ ଜନବିରୋଧୀ ମନ୍ତବ୍ୟ ଦଣ୍ଡନୀୟ ଅପରାଧ: ଲେଖାଶ୍ରୀ ସାମନ୍ତସିଂହାର

ଭୁବନେଶ୍ୱର, ୦୬ ଜୁନ୍ - ସାଂସଦ ତଥା ବିଜେଡି ରାଷ୍ଟ୍ରୀୟ ମୁଖପାତ୍ର ଅମର ପଟ୍ଟନାୟକ କୋଭାକ୍ସିନ ଟୀକାକୁ ନେଇ ଯେଉଁ ବିଭ୍ରାନ୍ତକାରୀ ମନ୍ତବ୍ୟ ଦେଇଛନ୍ତି, ତାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ଶ୍ରୀ ପଟ୍ଟନାୟକଙ୍କ ମନ୍ତବ୍ୟ ସଂପୂର୍ଣ୍ଣ ମିଥ୍ୟା, ବିଭ୍ରାନ୍ତକାରୀ, ଦ୍ୱନ୍ଦ ସୃଷ୍ଟିକାରୀ ଏବଂ ଜନବିରୋଧୀ ଅଟେ ବୋଲି ରାଜ୍ୟ ସାଧାରଣ ସଂପାଦକ ଡ.ଲେଖାଶ୍ରୀ ସାମନ୍ତସିଂହାର ଅଭିଯୋଗ କରିଛନ୍ତି ।ଭୟର ବାତାବରଣ ସୃଷ୍ଟି କରି ଲୋକମାନଙ୍କୁ ଟୀକା ନନେବା ପାଇଁ ଶ୍ରୀ ପଟ୍ଟନାୟକ ପରୋକ୍ଷରେ ଓଡିଶାବାସୀଙ୍କୁ ପ୍ରବର୍ତାଉଛନ୍ତି । କେବଳ କୋଭିଡ୍ ଟୀକା ନେଇଥିଲେ ହିଁ ଜଣେ ବିଦେଶ ଯାତ୍ରା କରିପାରିବ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବା ଭାରତବର୍ଷ କିମ୍ବା ଅନ୍ୟ କୌଣସି ରାଷ୍ଟ୍ର ଏମିତି କୌଣସି ସର୍ତ ରଖି ନାହିଁ । ଏପରି ସ୍ଥଳେ ଶ୍ରୀ ପଟ୍ଟନାୟକଙ୍କ ମନ୍ତବ୍ୟ ଅତ୍ୟନ୍ତ ଅବାନ୍ତର ଓ ଭିତିହୀନ ଅଟେ ବୋଲି ଡ.ସାମନ୍ତସିଂହାର କହିଛନ୍ତି ।କୋଭିଡ୍ ସଂକ୍ରମଣ ପରିଚାଳନାରେ ଶାସକ ଦଳର ବିଫଳତାକୁ ଲୁଚାଇବା ପାଇଁ ଏଭଳି ଜନବିରୋଧୀ ମନ୍ତବ୍ୟ ଦେଇଛନ୍ତି । ସାଂସଦ ଶ୍ରୀ ପଟ୍ଟନାୟକ ନିଜେ କୋଭିଡ୍ ଟୀକାର ୨ ଟି ଡୋଜ୍ ନେଇ ଘରେ ସୁରକ୍ଷିତ ଭାବେ ବସିଛନ୍ତି । ନିଜେ ସୁରକ୍ଷିତ ରହି ଅନ୍ୟକୁ ଭୟଭୀତ କରିବା ସହ ସେହି ଟୀକାକୁ ନେଇ ଏମିତି ରାଜନୀତି କରିବା ଏକ ଜନବିରୋଧୀ କାର୍ଯ୍ୟ । ରାଜ୍ୟ ସରକାର ଟୀକାର ଅଭାବ ଦେଖାଇ କେନ୍ଦ୍ରକୁ ଦାୟୀ କରୁଥିବାବେଳେ ଶାସକ ବିଜେଡିର ସାଂସଦ ଏମିତି ବିଭ୍ରାନ୍ତକାରୀ ବୟାନବାଜୀ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଅଟେ । ଏ ବିଷୟରେ ରାଜ୍ୟ ସରକାର ନିହାତି ସ୍ପଷ୍ଟୀକରଣ ଦେବାକୁ ଡ.ସାମନ୍ତସିଂହାର ଦାବୀ କରିଛନ୍ତି ।ଜନବିରୋଧୀ କାର୍ଯ୍ୟକଳାପ ପାଇଁ ଶାସକ ବିଜେଡି ମୁଖିଆ ତାଙ୍କ ଦଳର ସଦସ୍ୟ ତଥା ବିଧାୟକଙ୍କୁ ଦଳରୁ ବହିଷ୍କାର କରିବା ସହ ଜେଲ ଦଣ୍ଡ ଦେବାର ଉଦାହରଣ ସୃଷ୍ଟି କରିଛନ୍ତି । ଶ୍ରୀ ପଟ୍ଟନାୟକଙ୍କ ଏଭଳି ଦେଶ ଓ ଜନବିରୋଧୀ ମନ୍ତବ୍ୟ ପାଇଁ ମଧ୍ୟ ଶାସକ ବିଜେଡି ମୁଖିଆ ତାଙ୍କୁ ଦଳରୁ ବହିଷ୍କାର କରିବା ସହ କଠୋର ଦଣ୍ଡ ପ୍ରଦାନ କରିବାକୁ ଡ.ସାମନ୍ତସିଂହାର ଦାବୀ କରିଛନ୍ତି । ବାସ୍ତବ ତଥ୍ୟ ନଜାଣି ନବୁଝି କେବଳ ରାଜନୀତି କଲେ, ଲୋକେ ତାକୁ ଆଦୌ ଗ୍ରହଣ କରିବେ ନାହିଁ ବୋଲି ଡ.ସାମନ୍ତସିଂହାର କହିଛନ୍ତି ।

# ଦୀର୍ଘ ୩ ମାସ ୧୫ ଦିନ ପରେ କନ୍ଧମାଳରେ କମିଲା ସଂକ୍ରମଣ

କନ୍ଧମାଳ:କନ୍ଧମାଳ ଜିଲ୍ଲାରେ କୋଭିଡ୍ ସଂକ୍ରମଣ ଦିର୍ଘ ୩ ମାସ ୧୫ ଦିନପରେ କୋଭିଡ ସଂକ୍ରମଣ କମି ଏକ ଅଙ୍କରେ ପହଂଚିଛି । କରୋନା ସଂକ୍ରମଣ ସମ୍ପର୍କରେ ଆଜି ମିଳିଥିବା ରିପୋର୍ଟ ଅନୁସାରେ ଗତ ୨୪ ଘଣ୍ଟା ଭିତରେ ଜିଲ୍ଲାରେ ମାତ୍ର ୩ ଜଣ ନୂଆ କରୋନା ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଛି । ମିଳିଥିବା ରିପୋର୍ଟ ଅନୁସାରେ ଚିହ୍ନଟ ହୋଇଥିବା ସଂକ୍ରମିତଙ୍କ ମଧ୍ୟରୁ ଜିଲ୍ଲା ବାହାରେ ୨ ଜଣ ଚିହ୍ନଟ ହୋଇଥିବାବେଳେ ଜିଲ୍ଲାର କ.ନୂଆଗାଁ ବ୍ଲକ ଅଂଚଳର ଜଣେ କୋଭିଡ ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଥିବା ନେଇ ଜିଲ୍ଲା ପ୍ରଶାସନ ସୂତ୍ରରୁ ଜଣାପଡିଛି । ଏମାନଙ୍କୁ ମିଶାଇ ଜିଲ୍ଲାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୯,୫୩୫ ରେ ପହଂଚିଛି । ଆଜି ସୁଦ୍ଧା ଜିଲ୍ଲାରେ ମୋଟ ୮,୭୯୬ ଜଣ ସଂକ୍ରମିତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି । ଆଜି ଜିଲ୍ଲାର ଆଉ ଜଣେ ସଂକ୍ରମିତଙ୍କର ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ହୋଇଥିବା ନେଇ ସୂଚନା ମିଳିଛି । ଏହାକୁ ମିଶାଇ ଜିଲ୍ଲାରେ କୋଭିଡ ସଂକ୍ରମଣରେ ମୃତ୍ୟୁ ସଂଖ୍ୟା ୪୩ କୁ ବୃଦ୍ଧି ପାଇଛି । ଜିଲ୍ଲାରେ ଆଉ ୬୯୬ ଜଣ ସଂକ୍ରମିତ ପୃଥକ ବାସରେ ଏବଂ ହସ୍ପିଟାଲରେ ଚିକିତ୍ସାଧିନ ଅଛନ୍ତି । ତେବେ କୋଭିଡର ପ୍ରଥମ ଲହରରେ ଗତ ୪/୨/୨୦୨୧ ତାରିଖରେ କନ୍ଧମାଳ ଜିଲ୍ଲାରେ ମୋଟ୍ ୫,୯୪୪ ଜଣ କୋଭିଡ ସଂକ୍ରମିତଙ୍କୁ ଚିହ୍ନଟ କରାଯାଇ ଥିବାବେଳେ ଜିଲ୍ଲାର ୩୩ ଜଣଙ୍କର କୋଭିଡ ସଂକ୍ରମଣରେ ମୃତ୍ୟୁ ହୋଇଥିଲା । ଏବଂ ସେହି ସମୟରେ ୫୯୧୧ ଜଣ ସଂକ୍ରମିତ ସୁସ୍ଥ ହୋଇ ଘରକୁ ଫେରିଥିବା ବେଳେ ଜଣେ ମଧ୍ୟ କରୋନା ସଂକ୍ରମିତଙ୍କୁ ଚିହ୍ନଟ କରାଯାଇ ନଥିବା ନେଇ ସୂଚନା ପ୍ରଦାନ କରାଯାଇଥିଲା ।

# ବୃଦ୍ଧ ତରଭୁଜ ବ୍ୟବସାୟୀଙ୍କୁ ମାଡ଼ ଘଟଣା, ମାଜିଷ୍ଟ୍ରେଟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କେବେ ?

ଝାରସୁଗୁଡା:୬ ଜୁନ(ହିସ):ଜଣେ ବୃଦ୍ଧ ତରଭୁଜ ବ୍ୟବସାୟୀଙ୍କୁ ଝାରସୁଗୁଡ଼ା ଅତିରିକ୍ତ ତହସିଲଦାର ମାଡ ମାରିବା ଘଟଣାକୁ ନେଇ ୫ଦିନ ବିତି ଯାଇଥିଲେ ସୁଦ୍ଧା ପ୍ରଶାସନ ନୀରବତା କୁ ନେଇ ବିଭିନ୍ନ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏଭଳି ଅମାନବିକ ଘଟଣାରେ ସମ୍ପୃକ୍ତ ଅତିରିକ୍ତ ତହସିଲଦାର ଯୋଗିତା ତିର୍କୀଙ୍କ ବିରୋଧରେ ଝାରସୁଗୁଡା ଜିଲ୍ଲା ପ୍ରଶାସନ ପକ୍ଷରୁ ତଦନ୍ତ କରାଯାଇଥିଲେ ସୁଦ୍ଧା ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ରାଜ୍ୟ ସରକାରଙ୍କ ଆନ୍ତରିକତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଗତ ୨ ତାରିଖ ଦିନ ରାସ୍ତା କଡ଼ରେ ତରଭୁଜ ବିକ୍ରି କରୁଥିବା ଜଣେ ବୃଦ୍ଧଙ୍କୁ ଝାରସୁଗୁଡା ଅତିରିକ୍ତ ତହସିଲଦାର ଯୋବିତା ତିର୍କୀ ବାଡିରେ ମାଡ଼ ମାରିଥିବା ନେଇ ଅଭିଯୋଗ ହୋଇଥିଲା । ଏପରି ମାଡ଼ ମରା ଘଟଣାର ଏକ ଭିଡିଓ ମଧ୍ୟ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା ।ଲକ୍‌ଡାଉନ ସମୟରେ ଦିନ ୧୧ଟା ପର୍ଯ୍ୟନ୍ତ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ଖୋଲିବାକୁ ଅନୁମତି ରହିଛି । ଘଟଣା ଦିନ ବେହେରାମାଲ ରାସ୍ତାରେ ବୃଦ୍ଧ ଜଣକ ତରଭୁଜ ଦୋକାନ ବନ୍ଦ କରୁଥିବା ସମୟରେ ଅତିରିକ୍ତ ତହସିଲଦାର ଘଟଣାସ୍ଥଳରେ ପହଂଚିଥିଲେ । ଅତିରିକ୍ତ ତହସିଲଦାର ଏକ ବାଡିରେ ବୃଦ୍ଧ ଓ ତାଙ୍କ ନାବାଳକ ୧୨ ବର୍ଷର ପୁଅକୁ ବାଡେଇ ଥିଲେ ବୋଲି ଅଭିଯୋଗ ହୋଇଥିଲା । ମାଡରେ ବୃଦ୍ଧଙ୍କ ଜଙ୍ଘ ଓ ଗୋଡରେ ଆଘାତ ଲାଗିଥିଲା । ଏଥି ସହିତ ବୃଦ୍ଧଙ୍କ ଓଜନ ଯନ୍ତ୍ର ମଧ୍ୟ ଛଡାଇ ନେବାକୁ ସେ ଉଦ୍ୟମ କରିଥିଲେ । ଜୀବନକୁ ବାଜି ଲଗାଇ ପରିବାର ଚଳାଇବା ଲାଗି ବୃଦ୍ଧ ତରଭୁଜ ବିକ୍ରି କରୁଥିବା ବେଳେ ଅତିରିକ୍ତ ତହସିଲଦାରଙ୍କ ଏପରି ବ୍ୟବହାର ଅତ୍ୟନ୍ତ ଦୁଃଖ ଦାୟକ ବୋଲି ବିଜେପି ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀ କହିଛନ୍ତି । କେ ?ଣସି ଆଇନ ବାଡ଼ିରେ ବାଡେଇବା ପାଇଁ ତହସିଲଦାରଙ୍କୁ ଅନୁମତି ଦେଇ ନାହିଁ । ଏହା ସତ୍ୱେ ଘଟଣା ଦିନ ସବୁ ସୀମା ଟପି ଅତିରିକ୍ତ ତହସିଲଦାର ଜଣେ ବରିଷ୍ଠ ନାଗରିକଙ୍କୁ ମାଡ଼ ମାରିଥିଲେ । ବୃଦ୍ଧଙ୍କ ମାନବାଧିକାର ଉଲ୍ଲଙ୍ଘନ ହୋଇଛି । ଏଥିପାଇଁ ?ସମ୍ପୃକ୍ତ ଅତିରିକ୍ତ ତହସିଲଦାରଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ସହିତ ପୀଡିତ ବୃଦ୍ଧଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରାଯାଉ ବୋଲି ସାମାଜିକ କର୍ମୀ ରବି ସୋନି ଦାବି କରିଛନ୍ତି ।ଘଟଣାର ୨ ଦିନ ପରେ ଜିଲା ପ୍ରଶାସନ ପକ୍ଷରୁ ତଦନ୍ତ କରାଯାଇ ମାଡ ଖାଇଥିବା ବୃଦ୍ଧ ବ୍ୟବସାୟୀ ଦେବେନ ଝା ଓ ତାଙ୍କର ନାବାଳକ ପୁଅଙ୍କୁ ଏକ ସ୍ୱତନ୍ତ୍ର ଗାଡିରେ ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଅଣାଯାଇଥିଲା । ଏପରିକି ମାଜିଷ୍ଟ୍ରେଟ୍ ? ତଥା ଅତିରିକ୍ତ ତହସିଲଦାର ଯୋଗୀତା ତିର୍କୀଙ୍କୁ ମଧ୍ୟ କାର୍ଯ୍ୟାଳୟକୁ ଡକାଯାଇଥିଲା । ଉପଜିଲାପାଳ ଶିବ ଟପ୍ପୋ ପଚରାଉଚୁରା କରି ଉଭୟଙ୍କ ବୟାନ ରେକର୍ଡ କରିଥିଲେ ।ଏବଂ ଝାରସୁଗୁଡା ଜିଲ୍ଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ । କିନ୍ତୁ ୪୮ ଘଂଟା ପରେ ମଧ୍ୟ ସମ୍ପୃକ୍ତ ଅତିରିକ୍ତ ତହସିଲଦାର ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ଯାଇ ନଥିବାରୁ ପ୍ରଶାସନ ଉପରେ ଲୋକଙ୍କ ଭରସା ତୁଟି ଯାଉଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି ।

# ବାତ୍ୟା ୟାସ୍‌କୁ ବିତିଲା ୧୨ ଦିନ, ପଲିଥିନ୍ ତଳେ ବିତୁଛି ରାତି ଓ ଦିନ

ଭଦ୍ରକ: ଇତିମଧ୍ୟରେ ୟାସ୍ ଜନିତ ବାତ୍ୟା ଛାଡିବାର ୧୨ ଦିନ ବିତିଗଲାଣି । ହେଲେ ସେ ଛାଡି ଦେଇଯାଇଥିବା ଯନ୍ତ୍ରଣାର କ୍ଷତ ଏବେବି ଶୁଖିନି ଏହି ଜିଲାର ବାସୁଦେବପୁର ବ୍ଲକ୍‌ର କେତେକ ବିପନ୍ନଙ୍କ କ୍ଷେତ୍ରରେ । ବାତ୍ୟା ସିନା ଛାଡିଯାଇଛି, ହେଲେ ଘର ଠାରୁ ଗାଁ ଦାଣ୍ଡ ପର୍ଯ୍ୟନ୍ତ ହୋଇଯାଇଥିଲା ଜଳମଗ୍ନ । ସେମାନେ ଉଦ୍ଧାର କରିପାରିଲେନି ନିଜ ନିଜର ଆସବାବ ପତ୍ର ଓ ବର୍ଷକ ପାଇଁ ରଖିଥିବା ଆହାର । କେବଳ ଯାହା ବର୍ଷା ପାଣିରେ ଭିଜି ଯାଇଥିବା ନଡାକୁ ଆଣି ରୋଷେଇ କରୁଛନ୍ତି ଏବେ । ବାତ୍ୟା ୟାସ୍ ଆସିବା ପୂର୍ବଦିନ ଠାରୁ ସ୍ଥାନୀୟ ସରପଂଚ ସେମାନଙ୍କୁ ଆଣି ସ୍କୁଲ ଘରେ ରଖିଥିଲେ । ହେଲେ ଗୋଟିଏ ଦିନ ରନ୍ଧାଖାଦ୍ୟ ଯୋଗାଇଦେବା ସହ ସ୍ଥାନୀୟ ବିଧାୟକଙ୍କ ପ୍ରତିନିଧି ଅସିତ୍ କୁମାର ଦାସ ୧୨ଟି ପଲିଥିନ୍ ଆଣି ଦେବାପରେ କେହି ବୁଝିନାହାଁନ୍ତି ତାଙ୍କର ଦୁଃଖ । ନା ସ୍ଥାନୀୟ ଜନ ପ୍ରତିନିଧି ନା ପ୍ରଶାସନ, ସମସ୍ତେ ନିଦାବିଷ୍ଣୁ ସାଜିଛନ୍ତି ସେମାନଙ୍କ କ୍ଷେତ୍ରରେ । ଯେଉଁ ପଲିଥିନ୍ ଖଣ୍ଡିଏ ଖଣ୍ଡିଏ ଏହି ୧୨ଟି ପରିବାରକୁ ମିଳିଛି, ତାହା ସମୁଦ୍ରକୁ ଶଙ୍ଖେ ସଦୃଶ । କାହିଁକି ନା ଗୋଟିଏ ପରିବାର ମୁଣ୍ଡ ଗୁଂଜିବା ପାଇଁ ତାହା ନିଅଂଟ । ଏଭଳି ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି ବାସୁଦେବପୁର ବ୍ଲକ୍ ବିଦେଇପୁର ପଂଚାୟତ କଂଟିଆନାଳି ମୁଖ୍ୟ ରାସ୍ତାରେ । କେତେକ ପରିବାର ରାସ୍ତାପାର୍ଶ୍ୱରେ ଦୁଇଖଣ୍ଡ ବାଉଁଶ ମାଧ୍ୟମରେ ପଲିଥିନ୍ ଘେରାଇ ଦୀର୍ଘ ୧୨ ଦିନ ହେଲା ଖରାବର୍ଷାରେ ରହିଆସୁଛନ୍ତି । ଦିନ ତମାମ୍ ଅସହ୍ୟ ଖରା ସାଙ୍ଗକୁ ଗୁଳୁଗୁଳି ଓ ରାତିରେ କାଳବୈଶାଖୀ ବର୍ଷା ଡରରେ ନିଦ ଆସୁନି ସେମାନଙ୍କ ଆଖିକୁ । ଏବେ ଦୁଇଓଳି ଦୁଇମୁଠା ଖାଇବା ପିଇବାକୁ ମଧ୍ୟ ପାଉନାହାଁନ୍ତି । ରାତିରେ ଶୁଖିଲା ଖାଦ୍ୟ ଖାଇ ଶୋଇବାକୁ ପଡୁଛି । ତେବେ ରାଜ୍ୟ ସରକାର ବନ୍ୟା ବିପନ୍ନ ଲୋକମାନଙ୍କୁ ରନ୍ଧା ଖାଦ୍ୟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଥିବାବେଳେ କାହିଁକି ଯେ ଏହି ଅସହାୟ ପରିବାର ଗୁଡିକ ମୁହଁରେ ଦାନା ମୁଠେ ପଡୁନାହିଁ, ତାହା ବୁଝାପଡୁନାହିଁ । ଏହି ରାସ୍ତା ଦେଇ ବହୁ ନେତା, ମନ୍ତ୍ରୀ ଓ ପ୍ରଶାସନିକ ଅଧିକାରୀ ଧାମରା ଗସ୍ତ କରୁଥିବାବେଳେ ଏମାନଙ୍କ ଉପରୁ ନଜର ହଟିଯାଇଛି । ବାତ୍ୟା ୟାସ୍ ସିନା ତାର ତାଣ୍ଡବ ରଚି ଚାଲିଯାଇଛି, ହେଲେ ଏ ଅସହାୟ ପରିବାର କେବେ ଘର ବାହୁଡା ହେବେ, ତାହା ତାଙ୍କୁ ଜଣାନାହିଁ ।

# ମୂଲ୍ୟବୋଧଭିତିକ ସାମ୍ବାଦିକତାର ପ୍ରତୀକ ଥିଲେ ସ୍ୱର୍ଗତ ବସନ୍ତ ଦାସ

ଭୁବନେଶ୍ୱର: ଓଡ଼ିଶାର ବରିଷ୍ଠ ସାମ୍ବାଦିକ, ବିଶିଷ୍ଟ ସ୍ତମ୍ଭକାର, ସାହିତ୍ୟିକ ତଥା ରାଜନୈତିକ ବିଶ୍ଳେଷକ ସ୍ୱର୍ଗତ ବସନ୍ତ ଦାସଙ୍କ ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା ଆଜି ସନ୍ଧ୍ୟାରେ ତାଙ୍କ ପ୍ରତିଷ୍ଠିତ ମିଡ଼ିଆ ଏକାଡେମୀ ପକ୍ଷରୁ ଜୁମ୍ ଭିଡ଼ିଓ ଯୋଗେ ମୁଖ୍ୟ ସଂଯୋଜକ ତଥା ସମାଜସେବୀ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି ।କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ କହିଲେ ଯେ, ଓଡ଼ିଶା ପ୍ରଶାସନିକ ସେବା ଚାକିରୀକୁ ଛାଡ଼ି ବସନ୍ତ ବାବୁ ସାମ୍ବାଦିକତା ଜଗତରେ ପାଦ ଥାପିଥିଲେ । ତାଙ୍କର ଆଦର୍ଶ ଥିଲେ ଡଃ ହରେକୃଷ୍ଣ ମହତାବ ଓ ଜାନକୀ ବଲ୍ଲଭ ପଟ୍ଟନାୟକ । କିନ୍ତୁ ସାମ୍ବାଦିକତା କ୍ଷେତ୍ରରେ ଯେଉଁ ମୂଲ୍ୟବୋଧ, ତାର ପ୍ରତୀକ ଥିଲେ ବାସନ୍ତ ଭାଇ । ମିଡ଼ିଆ ଏକାଡ଼େମୀର କର୍ମକର୍ତା ଡଃ ବଦ୍ରୀନାଥ ପଟ୍ଟନାୟକ ସ୍ୱାଗତ ଭାଷଣ ଦେବା ପରେ ଶ୍ରୀମଦ ବାବା ବଳିଆ ଦେଇଥିବା ବାର୍ତା ଓ ଆନ୍ଧ୍ରପ୍ରଦେଶର ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କ ବାର୍ତା ପାଠ କରାଯିବା ପରେ, ନିଗମ କଳ୍ପତରୁ ଆଶ୍ରମର ପ୍ରତିଷ୍ଠାତା ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ଓ ଖଣ୍ଡଗିରୀ ଦିବ୍ୟଜୀବନ ସଂଘର ସନ୍ଥ ସ୍ୱାମୀ ଜଗନ୍ନାଥାନନ୍ଦ ସରସ୍ୱତୀ, ବସନ୍ତ ବାବୁଙ୍କୁ ଜଣେ ପରମାତ୍ମାଙ୍କ ପ୍ରତି ସମର୍ପିତ ବ୍ୟକ୍ତିତ୍ୱ ବୋଲି କହିଥିଲେ । ଶ୍ରଦ୍ଧାଞ୍ଜଳି ଜଣାଇ ଭାରତୀୟ ଜନତା ପାର୍ଟିର ରାଜ୍ୟ ସଭାପତି ସମୀର ମହାନ୍ତି, ବସନ୍ତ ବାବୁ ଅତ୍ୟନ୍ତ ବନ୍ଧୁବତ୍ସଳ ମଣିଷ ବୋଲି କହିଥିଲେ ।ବିଧାୟକ ତଥା ସମ୍ବାଦର ସମ୍ପାଦକ ସୌମ୍ୟରଞ୍ଜନ ପଟ୍ଟନାୟକ, ଆଚାର ବିଚାରରେ ବସନ୍ତ ବାବୁ ଖାଂଟି କଟିକିଆ ବୋଲି କହିବା ସଙ୍ଗେ ସଙ୍ଗେ ଓଡ଼ିଶା ରାଜନୀତିର ୫୦ ବର୍ଷ ଇତିହାସର ସେ ବେଲାଲସେନ ଥିଲେ । ବିଧାୟକ ଅମର ପ୍ରସାଦ ଶତପଥୀ ସାମ୍ବାଦିକତା କ୍ଷେତ୍ରରେ ଏକ ମାଇଲ ଖୁଂଟ ବୋଲି କହିଥିଲେ । ଶ୍ରଦ୍ଧାଞ୍ଜଳି ଜଣାଇ ପୂର୍ବତନ ମନ୍ତ୍ରୀ ପଂଚାନନ କାନୁନଗୋ, ବିଶିଷ୍ଟ ସାମ୍ୟବାଦୀ ନେତା ଜନାର୍ଦ୍ଦନ ପତି, ସାମ୍ବାଦିକତା ଭିତରେ ଥିବା ସାହିତ୍ୟିକ ଦିଗକୁ ସେ ତାଙ୍କ 'ଯେ ଦେଶେ ଯାଇ ସେ ଫଳ ଖାଇ' ପୁସ୍ତକରେ ସୁନ୍ଦର ଭାବେ ଫୁଟାଇ ପାରିଛନ୍ତି ବୋଲି କହିଥିଲେ । ସମାଜବାଦୀ ପାର୍ଟିର ରାଜ୍ୟ ସଭାପତି ରବି ବେହେରା, ପୂର୍ବତନ କୁଳପତି ଡଃ ବିମଳେନ୍ଦୁ ମହାନ୍ତି ଓ ଜର୍ମାନରୁ ଡଃ ରାଜେନ୍ଦ୍ର ପ୍ରସାଦ ଦାସ ତାଙ୍କୁ ଜଗତସିଂହପୁରିଆ ଭାଇ ଭାବେ ବର୍ଣ୍ଣନା କରିଥିଲେ ।ଶ୍ରଦ୍ଧାଞ୍ଜଳି ଜଣାଇ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ ଓ ପ୍ରଫେସର ହରେକୃଷ୍ଣ ଶତପଥୀ ତାଙ୍କୁ ଜ୍ଞାନର ଭଣ୍ଡାର ବୋଲି କହିଥିଲେ ।

# ଓଡିଶା ସାମ୍ବାଦିକ ୟୁନିୟନ(ଓୟୁଜେ) ଖଜୁରିପଡା ପକ୍ଷରୁ ଗରିବଙ୍କୁ ରାସନ ବଣ୍ଟନ

କନ୍ଧମାଳ: କନ୍ଧମାଳ ଜିଲ୍ଲା ଖଜୁରିପଡା ବ୍ଲକ ଅଂଚଳରେ ଥିବା ଅପହଂଚ ଇଲାକା ଗୁଡିକରେ ରହୁଥିବା ଗ୍ରାମାଂଚଳର ୬୨ ଟି ପରିବାରର ଲୋକଙ୍କୁ କୋଭିଡ କଟକଣା ଲକଡାଉନ ବେଳେ ଦୋକାନ ବଜାର ବନ୍ଦ ରହୁଥିବାରୁ ଲୋକଙ୍କୁ ସଠିକ ଭାବରେ ରାସନ ସାମଗ୍ରୀ ମିଳିବାରେ ଅସୁବିଧା ଭୋଗିବାକୁ ପଡୁଛି । ତେଣୁ ଗ୍ରାମାଂଚଳର ଲୋକଙ୍କୁ ବିଭିନ୍ନ ପ୍ରକାରର ରାସନ ସାମଗ୍ରୀ ବଣ୍ଟନ କରିଛନ୍ତି ଓଡିଶା ସାମ୍ବାଦିକ ୟୁନିୟନ କନ୍ଧମାଳ ଶାଖାର ଖଜୁରିପଡା ବ୍ଲକର ସାମ୍ବାଦିକ ସଦସ୍ୟ ମାନେ । ଜିଲ୍ଲା ସାମ୍ବାଦିକ ୟୁନିୟନର ଉପ-ସଭାପତି ବଳଦେବ ବେହେରାଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଖଜୁରିପଡା ବ୍ଲକର ତହସିଲଦାର ଶ୍ରୀମତୀ ସ୍ୱପ୍ନିତା ନାୟକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ସମ୍ମାନୀତ ଅତିଥି ଭାବରେ ଖଜୁରିପଡା ରାଜସ୍ୱ ନିରୀକ୍ଷକ ଅମିୟ ଭୁଷଣ ରାମ,ଲ୍ୟାମ୍ପସର ପରିଚାଳନା ନିର୍ଦ୍ଦେଶକ କୃପାସିନ୍ଧୁ ସାହୁ ଏବଂ କୁନ୍ଦା ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ପ୍ରମୋଦ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ଖଜୁରିପଡା ବ୍ଲକର କୁନ୍ଦା,ଦାରେଜୁ ଓ ମୁଣ୍ଡାବ୍ରଡି ଭଳି ଗ୍ରାମକୁ ଯାଇ ସେଠାରେ ରହୁଥିବା ଲୋକଙ୍କୁ ରାସନ ସାମଗ୍ରୀ, ମାସ୍କ,ସାନିଟାଇଜର ଏବଂ ସାବୁନ ଆଦି ଜିନିଷ ସବୁ ବଣ୍ଟନ କରାଯାଇଛି । ଏହାସହିତ ସେମାନଙ୍କ ଭିତରେ କୋଭିଡ ସଂକ୍ରମଣ ବାବଦରେ ତଥା କୋଭିଡ ଟୀକା ନେବାକୁ ସଚେତନତା କରାଯାଇଛି । ସାମାଜିକ ଦୁରତା ବଜାୟ ରଖି ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀ ପ୍ରମୋଦ କୁମାର ମଲ୍ଲିକ ଏବଂ ମିନାକ୍ଷୀ ସାହାଣୀଙ୍କ ସମେତ ଖଜୁରିପଡାର ଓୟୁଜେ ଉପସଭାପତି ସାମ୍ବାଦିକ ବଳଦେବ ବେହେରାଙ୍କ ସମେତ ସଦସ୍ୟ ଗୌରଚରଣ ବେହେରା,ଅନନ୍ତ କୁମାର ଦିଗାଲ,ସତ୍ୟପ୍ରିୟ ମହାପାତ୍ର,ହୃଷିକେଶ ଖୁଣ୍ଟିଆ ପ୍ରମୁଖଙ୍କ ସମେତ ଅନ୍ୟମାନେ ରାସନ ସାମଗ୍ରୀ ବଣ୍ଟନରେ ସହାୟତା କରିଥିଲେ । ଆସନ୍ତାକାଲି ଖଜୁରିପଡା ଅଂଚଳରେ ମଧ୍ୟ ଏହି ରାସନ ବଣ୍ଟନ କରାଯିବାର କାର୍ଯ୍ୟକ୍ରମ ରହିଛି ବୋଲି ଉପସଭାପତି ବଳଦେବ ବେହେରା କହିଛନ୍ତି । ଖଜୁରିପଡା ସାମ୍ବାଦିକ ମାନେ ସେମାନେ କାର୍ଯ୍ୟ କରୁଥିବା ଗ୍ରାମାଂଚଳର ଲୋକଙ୍କର ଅସୁବିଧା ସମୟରେ ସେମାନଙ୍କୁ ଏହିଭଳି ସହାୟତା କରି ପ୍ରକୃତ ସାମ୍ବାଦିକତାର ପରିଚୟ ଦେଇଛନ୍ତି ବୋଲି ଓୟୁଜେ ଜିଲ୍ଲା ସଭାପତି ପ୍ରଶାନ୍ତ କୁମାର ବେହେରା କହିଛନ୍ତି । ଏହାସହିତ ଓୟୁଜେର ରାଜ୍ୟ ସଭାପତି ପ୍ରସନ୍ନ କୁମାର ମହାନ୍ତି ଏବଂ ସାଧାରଣ ସମ୍ପାଦକ ଅଶୋକ କୁମାର ନନ୍ଦ ଖଜୁରିପଡାର ସାମ୍ବାଦିକ ତଥା ଓୟୁଜେ ସଦସ୍ୟ ମାନଙ୍କର ଭୁୟୀୟସୀ ପ୍ରଶଂସା କରିଛନ୍ତି । ସେମାନଙ୍କର ଏହି କାର୍ଯ୍ୟରେ କନ୍ଧମାଳ ଜିଲ୍ଲାର ବିଭିନ୍ନ ସ୍ତରରେ ପ୍ରଶଂସା କରାଯାଇଛି ।

# ପରଲୋକରେ ବିଶିଷ୍ଟ ଶିଳ୍ପପତି ହିମାଂଶୁ ଦାସ



ବାଲେଶ୍ୱର:ବାଲେଶ୍ୱର ସହିତ ରାଜ୍ୟରେ ଶିଳ୍ପକ୍ଷେତ୍ର ପ୍ରତିଷ୍ଠା ଅର୍ଜନ କରିଥିବା ଓ ବାଲେଶ୍ୱର ଶିକ୍ଷାୟନ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଶିଳ୍ପପତି ହିମାଂଶୁ ଦାସଙ୍କର ରବିବାର ମଧରାତ୍ରରେ ୭୭ ବର୍ଷ ବୟସରେ ପରଲୋକ ହୋଇଯାଇଛି । ରବିବାର ଦିନ ୧୧ ଘଟିକା ସମୟରେ ସେ ଅସୁସ୍ଥ ହୋଇ ପଡ଼ିବାରୁ ତାଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା । ସେଠାରେ ଆଇସିୟୁରେ ରଖି ଚିକିତ୍ସା କରାଯାଇଥିଲା । ମାତ୍ର ରାତି ୧୧.୪୦ ମିନିଟ ସମୟରେ ତାଙ୍କର ମୃତ୍ୟୁ ହୋଇଥିଲା । ମୃତ୍ୟୁ ଶର୍ଯ୍ୟା ନିକଟରେ ତାଙ୍କର ଦୁଇ ପୁଅ ସଞ୍ଜୟ ଦାସ, ସଂଗ୍ରାମ ଦାସ, ଦୁଇ ବହୁ, ନାତୀ, ନାତୁଣୀ ଓ ପତ୍ନୀଙ୍କ ସମେତ ଆତ୍ମୀୟସଜନମାନେ ଉପସ୍ଥିତ ଥିଲେ । ହିମାଂଶୁ ଦାସ ଓରିପ୍ଲାଷ୍ଟ ଶିଳ୍ପ କାରଖାନାର ସମସ୍ତ ଦାୟିତ୍ୱ ବହନ କରି ଓରିପ୍ଲାଷ୍ଟକୁ ସର୍ବଭାରତୀୟ ସ୍ତରରେ ପରିଚୟ ସୃଷ୍ଟି କରାଇଥିଲେ । ପରେ ସେ ନିଜସ୍ୱ ଭାବରେ ହରିପ୍ଲାଷ୍ଟ ପାଇପ କାରଖାନା, ରବର କାରଖାନା, ହରି ମେରାଇନ, ହୋଣ୍ଡା ସୋରୁମ ପ୍ରଭୃତି ବହୁ ସଂସ୍ଥା ସ୍ଥାପନ କରି ହଜାର ହଜାର ଯୁବକ ଯୁବତୀମାନଙ୍କୁ ନିଯୁକ୍ତିର ସୁଯୋଗ ଦେଇଥିଲେ । ବାଲେଶ୍ୱରରେ ଶିଳ୍ପସଂଘ ଗଠନ କରିବା ସହିତ ଏହାର ସଭାପତି ମଧ ଥିଲେ । ଶିକ୍ଷା କ୍ଷେତ୍ରରେ ମଡ଼ର୍ଣ୍ଣ ପବ୍ଲିକ ସ୍କୁଲ, ମଡ଼ର୍ଣ୍ଣ ଇଂଜିନିୟରିଙ୍ଗ କଲେଜ ପରି ବହୁ ଶିକ୍ଷାନୁଷ୍ଠାନ ସହିତ ଆର୍ଟ କଲେଜ ପ୍ରତିଷ୍ଠା କରିବା କ୍ଷେତ୍ରରେ ତାଙ୍କର ପ୍ରମୁଖ ଭୂମିକା ରହିଛି । ବାଲେଶ୍ୱର ସହରର ବିକାଶ କ୍ଷେତ୍ରରେ ତାଙ୍କର ଭୂମିକା ମଧ ଗୁରୁତ୍ୱପୂର୍ଣ୍ଣ । ତାଙ୍କ ମୃତ୍ୟୁରେ ବାଲେଶ୍ୱରରେ ଶୋକର ଛାୟା ଖେଳିଯାଇଛି । ତାଙ୍କ ମର ଶରୀରକୁ ହରି ଉଦ୍ୟଗ ପରିସର, ହଟେଲ ହରିପ୍ଲାଜା, ଉଦ୍ୟଗ ଭବନ, ମଡ଼ର୍ଣ୍ଣ ପବ୍ଲିକ ସ୍କୁଲ, ହରିପ୍ଲାଷ୍ଟ, ହରି ମେରାଇନ, ହୋଣ୍ଡା ସୋରୁମ, ବାଲେଶ୍ୱର ଜିଲ୍ଲା ସ୍କୁଲ ଓ ଫକୀର ମୋହନ କଲେଜ ପ୍ରଭୃତି ସ୍ଥାନକୁ ନିଆଯାଇ ଆଇଟିଆଇ ଛକ ସ୍ଥିତ ବାଲି ଗଡ଼ିଆ ଶ୍ମଶାନରେ ଶେଷକୃତ୍ୟ ସମ୍ପର୍ଣ୍ଣ କରାଯାଇଥିଲା । ତାଙ୍କ ଜ୍ୟେଷ୍ଠପୁତ୍ର ସଞ୍ଜୟ କୁମାର ଦାସ ମୁଖାଗ୍ନୀ ଦେଇଥିଲେ ।

## ବିଧାୟକ ତାରା ପ୍ରସାଦ ବାହିନିପତି କରୋନା ଆକ୍ରାନ୍ତ

ଜୟପୁର: ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ନମୂନା ରିପୋର୍ଟ କରୋନା ପଜିଟିଭ ଆସିଛି । ସେ କରୋନାରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରର ଏକ ଘରୋଇ ହସପିଟାଲରେ ଚିକିତ୍ସିତ ହେଉଛନ୍ତି । ଏନେଇ ସେ ନିଜ ଫେସବୁକ ଏକାଉଂଟରେ ଉଲ୍ଲେଖ କରିଛନ୍ତି ଯେ, ତାଙ୍କ ଠାରେ କୋଭିଡ ଲକ୍ଷଣ ଦେଖାଯିବାରୁ ସେ ପରୀକ୍ଷା କରିଥିଲେ । ପରୀକ୍ଷା ପରେ ସେ ପଜିଟିଭ ଥିବା ଜାଣିବାକୁ ପାଇଲେ । କିଛି ଦିନ ଭିତରେ ତାଙ୍କ ସହ ସମ୍ପର୍କରେ ଆସିଥିବା ବ୍ୟକ୍ତିବିଶେଷ ମାନେ କୋଭିଡ ପରୀକ୍ଷା କରାଇନେବାକୁ ବିଧାୟକ ବାହିନିପତି ସମସ୍ତଙ୍କୁ ଅନୁରୋଧ କରିଛନ୍ତି । ଏହି ଖବର ପ୍ରଚାରିତ ପରେ ରାଜ୍ୟପାଳ ଗଣେଶି ଲାଲ, ମୁଖ୍ୟମନ୍ତ୍ରୀ ନବିନ ପଟ୍ଟନାୟକ, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ତାରାଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି ।

# ମାଟି ଏବଂ ପଲିଥିନ୍ ଘରେ ବିତୁଛି ଜୀବନ

ଘଟଗାଁ(ପିଏନ)-ଉଭୟ କେନ୍ଦ୍ର ଏବଂ ରାଜ୍ୟ ପ୍ରତ୍ୟେକ ଦିନ ଅନେକ ଗରିବ ବାସହରା ହିତାଧିକାରୀଙ୍କୁ ରାଜ୍ୟ ସରକାରଙ୍କ ବିଜୁ ପକ୍କା ଘର କିମ୍ବା କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅନ୍ତର୍ଭୁକ୍ତ କରାଇ ଘର ଯୋଗାଉଥିବା ଦେଖିବାକୁ ମିଳୁଥିବା ବେଳେ ଅନେକ ଲୋକ ଆଜିବି ଝାଟି ମାଟି ଏବଂ ପାଲ ପଲିଥିନ୍ ଘରେ ଜୀବନ ବିତାଉଥିବା ଦେଖିବାକୁ ମିଳୁଛି । ଏଭଳି ଏକ ଅବିକଳ ଚିତ୍ର ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ୍ ଅନ୍ତର୍ଗତ ସୁନାରୀପଶୀ ଗାଁରେ । ଗାଁର ଚରଣ ମୁଣ୍ଡା ଆଜକୁ ତିନି ବର୍ଷ ହେବ ଏକ ଝାଟି, ପିଲିଥିନ୍‌କୁ ଘରର କାନ୍ଥ କରି ରହୁଥିବା ଦେଖିବାକୁ ମିଳୁଛି । ଚରଣ ଦିନ ମଜୁରୀଆ ହୋଇଥିବାରୁ ଘର ଖଣ୍ଡିଏ ବନାଇବାକୁ ସକ୍ଷମ ନାହିଁ ତାର । କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ୍ ଅନ୍ତର୍ଗତ ସୁନାରିପଶୀ ଗାଁର ରାଜାବନ୍ଧ ସାହିର ଚରଣ ମୁଣ୍ଡା । ବୟସ ପାଖାପାଖି ୪୦ ହେବ । ପରିବାରରେ ସ୍ତ୍ରୀ ସହିତ ତିନୋଟି ପୁଅ । ଚରଣ ଜଣେ ଦିନ ମଜୁରୀଆ ଖଟିଖିଆ ଲୋକ । ପ୍ରତ୍ୟେକ ଦିନ ଯାହା ମୁଲମଜୁରି କରି ଆଣିଥାଏ, ସେସବୁ ପରିବାରର ଖାଇବାକୁ ମଧ ଅଂଟେନାହିଁ । ପୂର୍ବରୁ ସେ ବରାହଟିପୁରା ଗାଁରେ ରହୁଥିଲେ, ବାପା ଚାଲି ଗଲା ପରେ ବାସ ହରା ହୋଇ ଆଜକୁ ତିନି ବର୍ଷ ହେବ ସୁନାରିପଶି ଗାଁର ରଜାବନ୍ଧ ସାହିରେ ରହୁଛନ୍ତି । ଚରଣ ସ୍ତ୍ରୀ ସହିତ ତିନି ପୁଅଙ୍କୁ ନେଇ ନାହିଁ ନଥିବା ଅଭାବ ଅନଟନରେ ଜୀବନ ବିତାଉଛନ୍ତି । ଠିକ୍‌ସେ ନିଜ ପରିବାରର ଗୁଜରାଣ ମେଂଟାଇପାରୁ ନଥିବା ଚରଣ ଘର ଖଣ୍ଡିଏ ବନାଇବା ପାଇଁ ତା ପାଖରେ ସମ୍ବଳ ନାହିଁ । ଯାହାଫଳରେ ଆଜକୁ ତିନି ବର୍ଷରୁ ଉର୍ଦ୍ଧ୍ୱ ହେବ ଝାଟି, ପଲିଥିନକୁ କାନ୍ଥ କରି ଗୋଟିଏ ଝାଟି ଘରେ ରହୁଛନ୍ତି । ଘର ଖଣ୍ଡିଏ ପାଇଁ ବାରମ୍ବାର ବ୍ଲକ୍ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ ଆଜି ପର୍ଯ୍ୟନ୍ତ ତାଙ୍କ ପାଇଁ ସରକାଙ୍ଗ ପ୍ରଧାନ ମନ୍ତ୍ରୀ ଏବଂ ବିଜୁ ବିଜୁ ପକ୍କା ଘର ଯୋଜନା ସାତସପନ । ତେବେ ବାସ ହରା ଲୋକମାନଙ୍କ ପାଇଁ ସରକାର ମାଳ ମାଳ ଯୋଜନା କରୁଥିଲେ ମଧ ଆଜିବି ଅନେକ ଲୋକ ଏଭଳି ଅବସ୍ଥାରେ ଝାଟି, ପଲିଥିନ୍‌କୁ କାନ୍ଥ କରି ରହୁଛନ୍ତି । ଚରଣ ମଧ ଆଜକୁ ତିନି ବର୍ଷ ହେବ ଏହି ଝାଟିମାଟିରେ ତିଆରି କାନ୍ଥ ପାଂଚ ଜଣ ପରିବାରକୁ ନେଇ ଏଭଳି ଦୁର୍ଦ୍ଦିନରେ ରହୁଛି । ତେବେ ଆମ ପ୍ରତିନିଧି ଚରଣଙ୍କ କରୁଣ କାହାଣୀ ଘଟଗାଁ ବିଡିଓଙ୍କ ପାଖରେ ଅବଗତ କରାଇବାରୁ ସେ ଖୁବଶିଘ୍ର ସରକାରଙ୍କ ଆବାସ କିମ୍ବା ପକ୍କା ଘର ଯୋଜନାରେ ଅନ୍ତର୍ଭୁକ୍ତ କରାଇ ଘର ଖଣ୍ଡିଏ ଦେବାର ବ୍ୟବସ୍ଥା କରିବେ ବୋଲି ପ୍ରତିସୃତି ଦେଇଛନ୍ତିମ ।

# ଖେଳ



ପର୍ଯ୍ୟବେକ୍ଷକ
PARYABEKHYAK






## ବେଦାନ୍ତ ପକ୍ଷରୁ ବିଶ୍ୱ ପରିବେଶ ଦିବସ-୨୦୨୧ ଉପଲକ୍ଷେ ସବୁଜିମା ବୃଦ୍ଧି ପ୍ରୟାସ



ଭୁବନେଶ୍ୱର : ଧାତୁ-ତୈଳ ତଥା ଗ୍ୟାସ ଉତ୍ପାଦନ କ୍ଷେତ୍ରରେ ଭାରତରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ବେଦାନ୍ତ ଲିମିଟେଡ ପକ୍ଷରୁ ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ଶନିବାର ମେଗା ସବୁଜିମା ବୃଦ୍ଧି ପ୍ରୟାସର ଶୁଭାରମ୍ଭ କରାଯାଇଛି । ବେଦାନ୍ତର ଏହି ସବୁଜିମା ବୃଦ୍ଧି ପ୍ରୟାସକୁ ଅଧ୍ୟକ୍ଷ ଅନୀଲ ଅଗ୍ରୱାଲ ଭର୍ଚୁଆଲ୍ ମାଧ୍ୟମରେ ଶୁଭାରମ୍ଭ କରିଛନ୍ତି । ବେଦାନ୍ତ କର୍ମଚାରୀ ଏବଂ ବ୍ୟବସାୟିକ ଅଂଶୀଦାର ଦି ବେଦାନ୍ତ କେୟାର୍ସ ପ୍ଲାଟେଂଶନ ପୋର୍ଟାଲ ମାଇକ୍ରୋସାଇଟ୍‌ରେ କୋଭିଡ୍-୧୯ରୁ ସୁସ୍ଥ ହୋଇଥିବା ସେମାନଙ୍କ ପ୍ରିୟପରିଜନଙ୍କ ଲାଗି ବୃକ୍ଷଚାରା ରୋପଣ କରିବା ପାଇଁ ପିକରଣ କରିବେ ।ବେଦାନ୍ତ କେୟାର୍ସ ଗ୍ରୀନ୍ ଇନିସିଏଟିଭ୍ ଅନ୍ତର୍ଗତ ୧୦ ଲକ୍ଷରୁ ଅଧିକ ବୃକ୍ଷଚାରା କମ୍ପାନୀର ବ୍ୟବସାୟିକ ଅଂଚଳରେ ରୋପଣ କରାଯିବ । ପ୍ରକୃତି ମା'ଠାରୁ ଆମେ ଉପଲବ୍ଧ କରୁଥିବା ଅଗଣିତ ଉପହାର ପ୍ରତି କୃତଜ୍ଞତା ଜଣାଇବା ଉଦ୍ଦେଶ୍ୟରେ ଏଭଳି ଚାରା ରୋପଣ କରାଯିବ । ୨୦୨୦-୨୧ରେ କମ୍ପାନୀ ପକ୍ଷରୁ ୧.୨ ଲକ୍ଷ ବୃକ୍ଷଚାରା ରୋପଣ କରାଯାଇଛି ।ଏହି ଅବସରରେ ବେଦାନ୍ତ ଗ୍ରୁପ୍‌ର ସିଇଓ ଏବଂ ମୁଖ୍ୟ ସୁରକ୍ଷା ଅଧିକାରୀ ସୁନୀଲ ଦୁଗଲ କହିଲେ, ବେଦାନ୍ତ କେୟାର୍ସ ଗ୍ରୀନ୍ କଭର ଇନିସିଏଟିଭ୍ ପଦକ୍ଷେପ ଦ୍ୱାରା ଆମେ ଆମର ସମସ୍ତ ଅପରେଶନ୍‌ରେ ଜିରୋ ହାର୍ମ, ଜିରୋ ୱେଷ୍ଟ, ଜିରୋ ଡିସଚାର୍ଜ ଲକ୍ଷ୍ୟ ପୂରଣ ପାଇଁ ପ୍ରୟାସ ଜାରି ରଖିଛୁ । କମ୍ପାନୀ ପକ୍ଷରୁ ଇନକ୍ଲୁସିଭ୍ ଗ୍ରୋଥ୍ ଲକ୍ଷ୍ୟ ଅନୁସାରେ ଖଣି ଉତ୍ତଳନ ଏବଂ ବିକାଶ ଦ୍ୱାରା ଇଏସ୍‌ଜି ରିସ୍କ ମିଟିଗେଶନ ପ୍ଲାନ୍ ଉପରେ ଗୁରୁତ୍ୱାରୋପ କରାଯାଉଛି । ଭାରତ ସରକାରଙ୍କ ନ୍ୟାଶନାଲ ଡେଟରମାଇନଡ୍ କଂଟ୍ରିବ୍ୟୁଶନ୍ (ଏନ୍‌ଏସ୍‌ଡି) ଅନୁସାରେ ବେଦାନ୍ତ କାର୍ବନ ରିଡକଶନ୍ ଲକ୍ଷ୍ୟକୁ ଗ୍ରହଣ କରିଛି । ଏହା ସହିତ ଆତ୍ମନିର୍ଭର ଭାରତ ନିର୍ମାଣ କ୍ଷେତ୍ରରେ ପରିବେଶ ଦାୟିତ୍ୱବୋଧକୁ ଗ୍ରହଣ କରିଛି ।ଦୀର୍ଘସ୍ଥାୟୀ ପ୍ରଣାଳୀ ଗ୍ରହଣ କ୍ଷେତ୍ରରେ ବେଦାନ୍ତ ଆଗୁଆ ରହିବା ସହିତ ନୂତନ ଜ୍ଞାନକୌଶଳ ମାଧ୍ୟମରେ ପରିବେଶ ଏବଂ ସ୍ଥାନୀୟ ବାସିନ୍ଦାଙ୍କ ସୁରକ୍ଷା କ୍ଷେତ୍ରରେ କାର୍ଯ୍ୟ ଜାରି ରଖିଛି । ଜିରୋ ହାର୍ମ, ଜିରୋ ୱେଷ୍ଟ, ଜିରୋ ଡିସଚାର୍ଜ, ପରିବେଶ, ଗୋଷ୍ଠି ତଥା ଗଭର୍ଣ୍ଣାସ୍ (ଇଏସ୍‌ଜି) ଆଦିକୁ ବେଦାନ୍ତର ସମସ୍ତ ଅପରେଶନ୍‌ରେ ଉପଯୋଗ କରାଯାଉଛି । ଏହାଦ୍ୱାରା ଷ୍ଟେକ୍‌ହୋଲ୍ଡରଙ୍କ ଦୀର୍ଘସ୍ଥାୟୀ ଏବଂ ରେସପନ୍ସିବୁଲ୍ ଗ୍ରୋଥ୍ ଉପରେ ଗୁରୁତ୍ୱାରୋପ କରାଯାଇ ପାରିଛି । ୨୦୫୦ ସୁଦ୍ଧା ବେଦାନ୍ତ ସବଷ୍ଟାନଶିଆଲ ଡିକାର୍ବୋନାଇଜ୍ ଲାଗି ପ୍ରତିଶ୍ରୁତିବଦ୍ଧ । ଏନେପଇ କମ୍ପାନୀ ପକ୍ଷରୁ କାର୍ବନ ଫୋରମ୍ ଗଠନ କରାଯାଇଛି । ଏହା କମ୍ପାନୀର ଜଳବାୟୁ ରଣନୀତିର ଶୀର୍ଷସ୍ଥାୟୀ ସଂଗଠନ ଭାବେ କାର୍ଯ୍ୟ କରୁଛି । ଅପରେଶନ୍‌ରେ କମ୍ କାର୍ବନ ନିର୍ଗମନ ଏହାର ଲକ୍ଷ୍ୟ ।ପ୍ରଭାବଶାଳୀ ୱାଟର ମ୍ୟାନେଜମେଂଟ୍‌କୁ ବେଦାନ୍ତ ଗୁରୁତ୍ୱ ପ୍ରଦାନ କରୁଛି । ଏହାଦ୍ୱାରା ଗତ ୩ ବର୍ଷ ମଧ୍ୟରେ ୭.୫ ନିୟୁତ କ୍ୟୁବିକ୍ ମିଟର ଜଳ ସଂଚୟ ହୋଇପାରିଛି ।କମ୍ପାନୀ ପକ୍ଷରୁ ବର୍ଜ୍ୟବସ୍ତୁ ସୃଷ୍ଟିକୁ ହ୍ରାସ କରାଇବା ଲାଗି ଯୋଜନା କରାଯାଉଛି । ଏହାଦ୍ୱାରା ୯୪ ପ୍ରତିଶତ ବର୍ଜ୍ୟବସ୍ତୁର ରିସାଇକ୍ଲିଂ କରାଯାଇ ପାରିଛି । ବାୟୋଡାଇଭରସିଟି ମ୍ୟାନେଜମେଂଟ୍ ପ୍ଲାନ୍ (ବିଏମ୍‌ପିଏସ୍) ଦ୍ୱାରା ବାୟୋଡାଇଭରସିଟି ପ୍ରଭାବକୁ ତଦାରଖ କରାଯାଉଛି । ଫ୍ଲାଏ ଆଶ୍ ମ୍ୟାନେଜମେଂଟ୍ ମାଧ୍ୟମରେ ପରିବେଶୀୟ ପଦମୂଲ୍ୟାଙ୍କନ ପ୍ରୟାସ ଉପରେ ଗୁରୁତ୍ୱାରୋପ କରାଯାଉଛି ।ବେଦାନ୍ତ ଟାସ୍କ ଫୋର୍ସ ଅନ୍ କ୍ଲାଇମେଟ୍ ରିଲେଟେଡ୍ ଫାଇନାନ୍ସିଆଲ୍ ଡିସ୍‌କ୍ଲୋଜର (ଟିସିଏଫ୍‌ଡି) ପରାମର୍ଶ ଅନୁସାରେ ବେଦାନ୍ତ ପକ୍ଷରୁ ଉପଯୁକ୍ତ ପ୍ରଣାଳୀର ପ୍ରୟୋଗ ସହିତ ଷ୍ଟାଣ୍ଡାର୍ଡ ଟାନ୍ସପାରେନ୍ସି ବଜାୟ ରଖିବା ଉପରେ ଗୁରୁତ୍ୱାରୋପ କରାଯାଇଥାଏ । କମ୍ପାନୀ ପକ୍ଷରୁ ଚଳିତ ବର୍ଷ ଟିସିଏଫ୍‌ଡି ରିପୋର୍ଟ ପ୍ରକାଶ ପାଇଛି । ଭାରତୀୟ ମାଇନିଂ ଏବଂ ମେଟାଲ କମ୍ପାନୀ ମଧ୍ୟରେ ଏଭଳି ରିପୋର୍ଟ ପ୍ରଥମ ।ବିଶ୍ୱସ୍ତରରେ ବେଦାନ୍ତ ସସ୍‌ଷ୍ଟେନ୍‌ବିଲିଟି ଇନିସିଏଟିଭ୍ ପାଇଁ ପରିଚୟ ହାସଲ କରିଛି । ଚଳିତ ବର୍ଷ କମ୍ପାନୀର ଡାଓ୍ୱ ଜୋନ୍‌ସ୍ ସସ୍‌ଷ୍ଟେନବିଲିଟି ଇଣ୍ଡିସେସ୍ (ଡିଜେଏସ୍‌ଆଇ) ର୍‍ୟାଙ୍କିଂ, ଧାତୁ ଏବଂ ଖଣି ଉତ୍ତଳନ କ୍ଷେତ୍ରରେ ୧୨କୁ ବୃଦ୍ଧି ପାଇଛି । ୨୦୧୯ରେ ଏହା ୨୧ ଥିଲା । ହିନ୍ଦୁସ୍ଥାନ ଜିଙ୍କ୍ ଏବଂ ବେଦାନ୍ତ ଡିଜେଏସ୍‌ଆଇ ର୍‍ୟାଙ୍କିଂରେ ଏସିଆ ପାସିଫିକ୍ ରିଜିଓନ୍‌ରେ ଶୀର୍ଷରେ ରହିଛନ୍ତି ।

## ପେଟ୍ରୋଲ, ଡିଜେଲ ଦର ବୃଦ୍ଧି ପ୍ରତିବାଦରେ ଯୁବକଂଗ୍ରେସର ବିକ୍ଷୋଭ ପ୍ରଦର୍ଶନ




ରାଉରକେଲା, ୭।୬ : ପେଟ୍ରୋଲ ଓ ଡିଜେଲର ଦର ବୃଦ୍ଧି ପ୍ରତିବାଦରେ ଆଜି ରାଉରକେଲା ଯୁବ କଂଗ୍ରେସ ପକ୍ଷରୁ ଆମ୍ବାଗାନ ସ୍ଥିତ ପେଟ୍ରୋଲ ପମ୍ପ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଏହି ବିକ୍ଷୋଭ ଯୁବକଂଗ୍ରେସ ରାଜ୍ୟ ସାଧାରଣ ସମ୍ପାଦକ ରୋହିତ ଯୋଶେଫ ତିର୍କୀ ଓ ରାଉରକେଲା ଯୁବ କଂଗ୍ରେସର ଯୁବନେତା ଦିଲ୍ଲୀପ ଲାହିରିଙ୍କ ନେତୃତ୍ୱରେ କୋଭିଡ୍ କଟକଣା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଯୁବ କଂଗ୍ରେସ ରାଜ୍ୟ ସାଧାରଣ ସମ୍ପାଦକ ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ ଦରବୃଦ୍ଧି ସମେତ ଅନ୍ୟାନ୍ୟ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଅହେତୁକ ଦର ବୃଦ୍ଧିକୁ ତୀବ୍ର ନିନ୍ଦା କରିବା ସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ତୀବ୍ର ଭର୍ତ୍ସନା କରିଥିଲେ । ସେ କହିଲେ ଯେ, କଂଗ୍ରେସ ଅମଳରେ ତୈଳ ଦରବୃଦ୍ଧି ସମୟରେ ବର୍ତ୍ତମାନ କ୍ଷମତାସୀନ ବିଜେପି ସରକାର ସେତେବେଳେ ଦେଶବ୍ୟାପି ହୋ ହାଲ୍ଲା କରିଥିଲା । ଏପରିକି କଂଗ୍ରେସ ନେତୃବୃନ୍ଦଙ୍କୁ ଦାୟୀ କରିବାକୁ ପଛାଇନଥିଲା । କିନ୍ତୁ ଆଜିର ଦିନରେ ପେଟ୍ରୋଲ ଶତକ ପାର କରିଥିବା ବେଳେ ଡିଜେଲ ଲିଟର ପିଛା ଶତକ ହାସଲ କରିବାକୁ ଯାଉଛି । ଏଥିସହ ରନ୍ଧନ ଗ୍ୟାସ ଓ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଅହେତୁକ ଦର ବୃଦ୍ଧି ଏବଂ ଖାଇବା ତେଲ ଆଜି ୧୫୦ ଟଙ୍କା ଉପରେ ଥିବାବେଳେ କେନ୍ଦ୍ରର ବିଜେପି ଓ ରାଜ୍ୟର ବିଜେଡି ସରକାର ନୀରବ କାହିଁକି ବୋଲି ଯୁବ କଂଗ୍ରେସ ରାଜ୍ୟ ସାଧାରଣ ସମ୍ପାଦକ ଶ୍ରୀ ତିର୍କୀ ପ୍ରଶ୍ନ କରିଛନ୍ତି । ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ରାଜ୍ୟ ଯୁବ କଂଗ୍ରେସର ସାଧାରଣ ସମ୍ପାଦକ ଶ୍ରୀ ତିର୍କୀଙ୍କ ସମେତ ରାଉରକେଲା ଜିଲ୍ଲା କଂଗ୍ରେସର ସବୀର ହୁସେନ, ବର୍ଷ ମହାଲିକ, ଇନ୍‌ଟକ ଅଧ୍ୟକ୍ଷ ନିହାର ଦାସ, ଯୁବନେତା ଦିଲ୍ଲୀପ ଲାହିରି ଓ ଅନୀଲ ଗୁରୁଙ୍ଗ, ଓବିସି ଅଧ୍ୟକ୍ଷ କୈଳାସ ସାହୁ, ଯୁବ କଂଗ୍ରେସର ଶମ୍ଭୁ ସାଗର, କୈଳାସ କାଲେଟ, ପ୍ରେମ ବଡାଇକ, ସୁନୀଲ ନାଗ, ଗୌରବ ବାଗ, ରାହୁଲ ନାଗ, ତୁଳସୀ ନାଗ, ସବୀର ଅନୱର, ଏସ୍‌କେ ଇସ୍ତେହାର ମହମ୍ମଦ, ରାଜୀବ ସୁନା, ଦୀପକ ସୁନା, ଜୋଡୋ ଲାକ୍ରା, ଅଜିତ ବୁର ପ୍ରମୁଖ ଅଂଶଗ୍ରହଣ କରି ଉଭୟ ସରକାରଙ୍କ ବିରୋଧରେ ସ୍ଲୋଗାନମାନ ଦେଇଥିଲେ ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V



FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act


## କାର୍ ଜବତ, ୨ ଅଟକ, ୩ ଚମ୍ପଟ

କେନ୍ଦ୍ରାପଡ଼ା: ରବିବାର ଭୋର୍ ୪ଟା ସମୟରେ ସନ୍ଦେହ ଜନକ ଅବସ୍ଥାରେ ଥିବା ଏକ ଇଣ୍ଡିକା କାର୍ କୁ ପୋଲିସ ଜବତ କରିବା ସହ ସେଥିରେ ଥିବା ୨ଜଣ ଯୁବକଙ୍କୁ ଅଟକ ରଖିଥିବା ବେଳେ ଅନ୍ୟ ତିନିଜଣ ଯୁବକ ଦୌଡି ପଳାଇ ଯାଇଥିବା ଜଣାପଡିଛି । ଟାଉନ ଫାଣ୍ଡି ଜମାଦାର ନରେନ୍ଦ୍ର ନାଥ ସୋରେନ୍ ରାତିରେ ପେଟ୍ରୋଲିଂ ଡ୍ୟୁଟି କରୁଥିବା ବେଳେ ମାଧପୁର ଓଡିଅଙ୍ଗ ପୋଖରୀ ନିକଟରେ ଥୁଆ ହୋଇଥିଭା ଏକ କାର୍ ଏବଂ ସେଥିରେ ୫ଜଣ ଯୁବକ ବସିଥିବା ଦେଖିବାକୁ ପାଇଥିଲେ । ସନ୍ଦେହ ହେବାରୁ ଏହି ଯୁବକ ମାନଙ୍କୁ ପଚାରିବା ବେଳେ ୩ଜଣ ଯୁବକ ଦୌଡି ପଳାଇଥିବା ବେଳେ ଡ୍ରାଇଭର ଏବଂ ଅନ୍ୟ ଜଣେ ଯୁବକକୁ ଅଟକ ରଖାଯାଇଛି ।

## ନଦୀରେ ମହିଳାଙ୍କ ସନ୍ଦେହ ଜନକ ମୃତ୍ୟୁ, ପୋଲିସର ତଦନ୍ତ ଜାରି

ଧର୍ମଶାଳା: ବ୍ରାହ୍ମଣୀ ନଦୀରେ ମହିଳାଙ୍କ ସନ୍ଦେହ ଜନକ ମୃତ୍ୟୁ । ଏଭଳି ଅଭାବନୀୟ ଘଟଣା ଘଟିଛି ଯାଜପୁର ସଦର ଥାନା ଅନ୍ତର୍ଗତ କୁଣ୍ଡପାଟଣା-ସାମାନ୍ତରାପୁରକୁ ସଂଯୋଗ କରୁଥିବା ନିର୍ମାଣଧୀନ ବିଜୁ ସେତୁ ନିକଟରେ । ମୃତ ମହିଳା ଜଣକ ହେଲେ କେନ୍ଦୁଝର ଜିଲା ଛୋଟରାୟ ମୁଣ୍ଡାଙ୍କ ପତ୍ନୀ ମିନତୀ(୪୫) ବୋଲି ଜଣାପଡିଛି । ତେବେ ଅଳ୍ପ ପାଣିରେ ମିନତୀ ପାଣିରେ ବୁଡି ମରିବା ନେଇ ସନ୍ଦେହ ସୃଷ୍ଟି କରିଛି । ମିନତୀ ସୁଦୂର କେନ୍ଦୁଝରରୁ ଆସି କୁଣ୍ଡପାଟଣା ଗ୍ରାମରେ ଏକ ରାଜ ମିସ୍ତ୍ରୀ ପାଖରେ ରହି ଦିନ ମଜୁରୀଆଭାବେ କାମ କରୁଥିଲେ । ଏନେଇ ପୋଲିସର ତଦନ୍ତ ଜାରି ରହିଛି । କେସ୍ ନଂ ୧୯।୨୧ରେ ଏକ ମାମଲା ରୁଜୁ କରିବା ଶବକୁ ବ୍ୟବଚ୍ଛେଦ ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଥିବା ଜଣାପଡିଛି । ସୂଚନା ମୁତାବକ ମିନତୀଙ୍କ ସ୍ୱାମୀ ତାଙ୍କୁ ଛାଡି ଦେବା ଫଳରେ ପେଟ ପାଟଣା ପାଇଁ ସେ ସମ୍ପର୍କୀୟ ଧରମ ଭାଇ ଭଦ୍ରକ ଜିଲା ବନ୍ତ ଥାନା ଅନ୍ତର୍ଗତ ସିଲୁକଂଟପଡା ଗ୍ରାମକୁ ଯାଇ କାମଧନ୍ଦା କରୁଥିଲା । ସେଠାରେ ୩ ବର୍ଷ ପରେ କାମ ଛାଡି ଯାଜପୁର ଜିଲା କୁଣ୍ଡପାଟଣା ଗ୍ରାମକୁ ଆସି ରାଜମୀସ୍ତ୍ରୀ ମାଗୁଣୀ ସାହୁଙ୍କ ଘରେ ରହି କାମ କରୁଥିଲା ଏବଂ ମିନତୀ ଜଳେଶ୍ୱରପୁର ଗ୍ରାମର ଧନେଶ୍ୱର ବେହେରାଙ୍କ ପୁଅ ଗୁନ ସହିତ କାମ ଧନ୍ଦାକୁ ଯାଏ । ତେବେ ଆଜି ଅପରାହ୍ନରେ ମିନତୀ ଓ ଗୁନ ଦୁହେଁ ମଦ୍ୟପାନ କରି ବ୍ରହ୍ମଣୀ ନଦୀ ଆଡେ ଯାଇଥିଲେ । ଗୁନ ନଦୀ କୂଳେ ପଡିଥିବା ବେଳେ ମିନତୀ ପାଣିରେ ପଡି ଯାଇଥିଲେ । କିଛି ଲୋକେ ପାଣିରେ ଦୁହେଁ ପଡିଥିବା ଦେଖି ସଦର ପୋଲିସକୁ ଖବର ଦେଇଥିଲେ । ପୋଲିସ ଘଟଣାସ୍ଥଳରେ ପଂହଚି ମୃତ ଦେହକୁ ଜବତ କରି ତଦନ୍ତ ଚଳାଇବା ସହ ଶବକୁ ବ୍ୟବଚ୍ଛେଦ ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଥିବା ଜଣାପଡିଛି । ମୃତା ମୀନତୀ ଦେହରେ ଅନେକ ସ୍ଥାନରେ ଚିହ୍ନ ରହିଥିବା ବେଳେ ଅଳ୍ପ ପାଣିରେ ବୁଡି ମରିବା ନେଇ ସନ୍ଦେହ ସୃଷ୍ଟି ହୋଇଛି ଏବଂ ଏହି ଘଟଣାରେ ସିଲୁକଂଟପଡା ଗ୍ରାମର ଧରମଭାଇ ଓ ଗୁନକୁ ପୋଲିସ ଥାନାକୁ ନେଇ ପଚରାଉଚୁରା କରୁଛି ।

## ଜିଲ୍ଲା ପରିଷଦରେ ଚାଲିଥିବା ଅବ୍ୟବସ୍ଥା ସମ୍ପର୍କରେ ଜିଲ୍ଲାପାଳଙ୍କୁ ଅଭିଯୋଗ



କେନ୍ଦ୍ରାପଡ଼ା: ବିଜେପିର ୧୦ଜଣ ଜିଲ୍ଲାପରିଷଦ ସଭ୍ୟ ସ୍ୱାକ୍ଷର କରିଥିବା ଏକ ଅଭିଯୋଗ ପତ୍ର ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ନରହରି ସେଠୀଙ୍କୁ ଜିଲ୍ଲାପରିଷଦ ସଭ୍ୟ ସନ୍ତୋଷ କୁମାର ଜେନା, ନାରଦ ଚନ୍ଦ୍ର ବିଶ୍ୱାଳ ଓ ଦେବାଶିଷ ଦାସ ପ୍ରଦାନ କରିଛନ୍ତି । ସେମାନଙ୍କ ଅଭିଯୋଗ ହେଉଛି ପ୍ରତି ଦୁଇ ମାସରେ ଥରେ ଜିଲା ପରିଷଦର ବୈଠକ ଡକା ନଯିବା, ମଟରଗାଡି ଟିକସ ଅନୁଦାନର ବିନିଯୋଗ ପାଇଁ ଜିଲ୍ଲା ପରିଷଦ ସଭ୍ୟ/ ସଭ୍ୟାମାନେ ପ୍ରକଳ୍ପ ପ୍ରସ୍ତାବ ଦେଇ ଆସୁଥିବା ବେଳେ ସେଥିରୁ ସେମାନଙ୍କୁ ବଞ୍ଚିତ କରାଯିବା । ବିଗତ ତିନୋଟି ଆର୍ଥିକ ବର୍ଷରେ ପଞ୍ଚାୟତିରାଜ ବିଭାଗରୁ ଜିଲ୍ଲାପରିଷଦକୁ ମିଳିଥିବା ଗ୍ରାଣ୍ଟ-ଇନ୍-ଏଡ଼ ପାଇଁ ଜିଲ୍ଲାପରିଷଦର ସଭ୍ୟ/ ସଭ୍ୟାମାନଙ୍କ ପ୍ରକଳ୍ପ ପ୍ରସ୍ତାବକୁ ଅଗ୍ରାହ୍ୟ କରି ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ମନମୁଖୀ ପ୍ରକଳ୍ପ ତାଲିକା ପ୍ରସ୍ତୁତ କରି ତାହାର ଅନୁମୋଦନ ନିମନ୍ତେ ପଠାଇବା ପ୍ରଭୃତି ୭ଟି ଦାବି ଦାବିପତ୍ରରେ ଉଲ୍ଲେଖ ରହିଛି । ସେହି ଅଭିଯୋଗ ଗୁଡିକ ସମ୍ପର୍କରେ ଚଳିତବର୍ଷ ମଇ ମାସ ୨୧ ତାରିଖରେ ବିଜେପିର ୧୦ଜଣ ଏବଂ ବିଜେଡିର ୨ଜଣ ଜିଲ୍ଲାପରିଷଦ ସଭ୍ୟ / ସଭ୍ୟାମାନେ ଜିଲ୍ଲାପାଳଙ୍କୁ ପ୍ରଦାନ କରିଥିଲେ । କିନ୍ତୁ ସେହି ଅଭିଯୋଗଗୁଡିକ ଉପରେ ଆଜି ସୁଦ୍ଧା ଜିଲ୍ଲାପାଳ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନଥିବାରୁ ପୁନର୍ବାର ସେହି ଅଭିଯୋଗ ଗୁଡିକ ସମ୍ପର୍କରେ ଜଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯିବା ସହିତ ଯଦି ସେହି ଅଭିଯୋଗ ଗୁଡିକ ଉପରେ ଆସନ୍ତା ୧୬ତାରିଖ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଯାଏ ତେବେ ୧୭ ତାରିଖଠାରୁ ଜିଲ୍ଲାପରିଷଦର ସଭ୍ୟ/ସଭ୍ୟାମାନେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା କାର୍ଯ୍ୟାଳୟ ସମ୍ମୁଖରେ ଗଣ ଅନଶନ ଓ ଧାରଣା ଦେବାକୁ ନିଷ୍ପତ୍ତି ନେଇଥିବା ଜିଲାପାଳଙ୍କୁ ଚେତାବନୀ ଦେଇଛନ୍ତି । ଏହି ଅଭିଯୋଗ ପତ୍ରର ନକଲ ରାଜ୍ୟ ପଞ୍ଚାୟତିରାଜ ବିଭାଗର ଶାସନ ସଚିବ,ଆରକ୍ଷୀ ଅଧିକ୍ଷକ,ଜିଲ୍ଲା ପରିଷଦର ସଭାପତି ଓ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ପ୍ରଦାନ କରାଯାଇଥିବା ସୂଚନା ଦିଆଯାଇଛି । ଜିଲ୍ଲା ପରିଷଦର ସଭ୍ୟ ଗଣେଶ ଚନ୍ଦ୍ର ସାମଲ, ସାଗରିକା ମଲ୍ଲିକ, ଅହଲ୍ୟା ଲେଙ୍କା, ଦେବ ଚୌଧୁରୀ, ପିକରାଣୀ ହୋତା, ରେଶ୍ମୀ ଚକ୍ରବର୍ତ୍ତୀ, ସ୍ୱପ୍ନାରାଣୀ ଖଣ୍ଡାଇ, ଦେବାଶିଷ ଦାସ, ସନ୍ତୋଷ ଜେନା, ନାରଦ ଚନ୍ଦ୍ର ବିଶ୍ୱାଳ ପ୍ରମୁଖ ଅଭିଯୋଗ ପତ୍ରରେ ସ୍ୱାକ୍ଷର କରିଛନ୍ତି ।


Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray